R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୯
ତିଥି : ତୃତୀୟା
୧୨ ନଭେମ୍ବର ୨୦୨୬, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
12 November 2026, Thursday

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

'ସମୟ'ର ୩୦ତମ ବାର୍ଷିକ ଉତ୍ସବ

ସମାଜ ସୁରକ୍ଷାରେ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ



ଭୁବନେଶ୍ୱର, ୧୧।୧୧ (ସବ୍ୟ୍ୟ) : ସମ୍ବାଦପତ୍ର କେବଳ ଖବର ପରିବେଷଣ କରେ ନାହିଁ, ବରଂ ସମାଜ ଏବଂ ରାଷ୍ଟ୍ରର ପରିବର୍ତ୍ତନରେ ଏହାର ଏକ ବିଶେଷ ଭୂମିକା ରହିଥାଏ । ଗଣତନ୍ତ୍ରକୁ ଜୀବନ୍ତ ରଖିବାରେ ଗଣମାଧ୍ୟମ ଏକ ପ୍ରମୁଖ ସ୍ତମ୍ଭ ଭାବେ କାର୍ଯ୍ୟ କରିଥାଏ । ଆଜିର ଡିଜିଟାଲ୍ ଯୁଗରେ ଗଣମାଧ୍ୟମ ଆଗରେ ଅନେକ ନୂଆ ଆହ୍ୱାନ ରହିଛି, ତଥାପି

ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି 'ସମୟ'

ନିରପେକ୍ଷତା ଏବଂ ସତ୍ୟତା ବଜାୟ ରଖିବା ସବୁଠାରୁ ବଡ଼ କଥା । ତେବେ ବିଗତ ୩୦ ବର୍ଷରେ ବହୁ ଝଡ଼ଝଞ୍ଝା ଓ ଘାତପ୍ରତିଘାତ ଦେଇ 'ସମୟ' ଅତିକ୍ରମ କରିଛି । ଏହା ମଧ୍ୟରେ 'ସମୟ' ଖବରକାଗଜ ଓଡ଼ିଶାର ଜନମାନସରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । 'ସମୟ' ଆଗାମୀ ଦିନରେ ମଧ୍ୟ ଓଡ଼ିଶା ଓ ଓଡ଼ିଆ ଜାତିର ସ୍ୱାର୍ଥ ପାଇଁ ନିଜର ପ୍ରତିବଦ୍ଧତା ଜାରି ରଖିବ ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି ।

ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁସନ ଅଫ ଇଞ୍ଜିନିୟର୍ସରେ 'ସମୟ'ର ୩୦ ତମ ବର୍ଷକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୧୯୯୬ ଅକ୍ଟୋବର ୨ ତାରିଖରେ ରାଜ୍ୟର ପ୍ରଥମ ରଙ୍ଗିନ ଖବର କାଗଜ ଭାବେ 'ସମୟ' ଆତ୍ମପ୍ରକାଶ କରିଥିଲା । ଦୂରଦୃଷ୍ଟି ସମ୍ପନ୍ନ ତଥା ଓଡ଼ିଶାର ନିର୍ମାଣ ଯୁଗର ସାରଥୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆତ୍ମପ୍ରକାଶ କରିଥିଲା । ୩୦ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୋରେଇ ବିଧାୟକ ଆକାଶ ଦାସନାୟକ କହିଥିଲେ, ଓଡ଼ିଆ ଦୈନିକ ସମ୍ବାଦପତ୍ର ସମୟ ତାର ପ୍ରତିଷ୍ଠାର ୩୦ ବର୍ଷ ଅତିକ୍ରମ କରି ୩୧ ବର୍ଷରେ ପଦାର୍ପଣ କରିଛି । ସମାଜ ପରିବର୍ତ୍ତନ, ବ୍ୟକ୍ତି ପରିବର୍ତ୍ତନ ଏବଂ ଚିନ୍ତାଧାରାର ପରିବର୍ତ୍ତନରେ ସମ୍ବାଦପତ୍ର ଏକ ବଡ଼ ଭୂମିକା ଗ୍ରହଣ କରିଥାଏ । ପୂର୍ବ କାଳରେ ସମ୍ବାଦ ସଂଗ୍ରହ ଏବଂ ଏହାର ପ୍ରସାରଣ ପ୍ରକ୍ରିୟା ଅତ୍ୟନ୍ତ କଷ୍ଟକର ଥିବାବେଳେ ବର୍ତ୍ତମାନ ସମୟରେ ଟେକ୍ନୋଲୋଜିର ବିକାଶ ଯୋଗୁ ଏଥିରେ ବହୁ ପରିବର୍ତ୍ତନ ଆସିଛି । ଆଜିର ସମୟରେ ପାଠକଙ୍କ ରୁଚି ବଦଳିଛି । ଲୋକମାନେ ଛୋଟ ଖବର, ରିଲ୍ସ କିମ୍ବା ଭିଡିଓ ମାଧ୍ୟମରେ ଖବର ପାଇବାକୁ ଅଧିକ ପସନ୍ଦ କରୁଛନ୍ତି । ଓଡ଼ିଆ ଓ ଓଡ଼ିଶାକୁ ଆଗକୁ ବଢ଼ାଇବା ଏବଂ ଏକ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ସମସ୍ତଙ୍କର ସାମୂହିକ ଦାୟିତ୍ୱ ରହିଛି ବୋଲି ଶ୍ରୀ ଦାସନାୟକ କହିଥିଲେ ।

ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଭଟଲା ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଥିଲେ, ଗଣତନ୍ତ୍ରରେ ଗଣମାଧ୍ୟମ ଏବଂ ସମ୍ବାଦପତ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମାଜର ପ୍ରତ୍ୟେକ ଘଟଣା, ସରକାରୀ ନୀତି ଏବଂ ଜନସାଧାରଣଙ୍କ ସମସ୍ୟାକୁ ସଠିକ୍ ଭାବରେ ଲୋକଲୋଚନକୁ ଆଣିବାରେ ସମ୍ବାଦପତ୍ର ପ୍ରମୁଖ ଭୂମିକା ନିର୍ବାହ କରିଥାଏ । ସରକାରଙ୍କ ଆୟୋଜିତ କାର୍ଯ୍ୟକ୍ରମ, ନୀତି ପରିବର୍ତ୍ତନ ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଧାନସଭା, ରାଜ୍ୟସ୍ତର ଏବଂ ଜାତୀୟ ସ୍ତରରେ ସମ୍ବାଦପତ୍ରର ପ୍ରୟାସ ଜରୁରୀ । ଯଦି କୌଣସି ସ୍ଥାନରେ ପୋଲିସ ପ୍ରଶାସନିକ ତ୍ରୁଟି କିମ୍ବା ଅଘଟଣ ଘଟେ, ତେବେ ତାହାର ନିର୍ଭୁଲ ତଥ୍ୟ ସାଧାରଣରେ ପ୍ରକାଶ ପାଇଲେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସମସ୍ୟା ସମାଧାନ ହୋଇପାରିବ । 'ସମୟ' ସମ୍ବାଦପତ୍ର (୯ ପୃଷ୍ଠାରେ)

- ବିକଶିତ ଓଡ଼ିଶା ଗଠନ ଲାଗି ସାମୁହିକ ଦାୟିତ୍ୱ ରହିଛି : ଆକାଶ
- ଗଣତନ୍ତ୍ର ଲାଗି ସମ୍ବାଦପତ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ : ଇରାଶିଷ
- ଆଗକୁ ଗଣମାଧ୍ୟମରେ ଟେକ୍ନୋଲୋଜି ବ୍ୟବହାର ବ୍ୟାପକ ହେବ : ସୌମ୍ୟଜିତ୍
- ଗଣତନ୍ତ୍ରକୁ ଜୀବନ୍ତ ରଖିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ : ଐଶ୍ୱର୍ଯ୍ୟା
- ପ୍ରତିଷ୍ଠା ଦିନରୁ ଆଜିଯାଏଁ ଯାତ୍ରା ଅତ୍ୟନ୍ତ ପ୍ରେରଣା ଦାୟକ : ରଞ୍ଜୀବ

ପୁଣି ଆସୁଛି ବାତ୍ୟା!

ଭୁବନେଶ୍ୱର, ୧୧।୧୧ (ସବ୍ୟ୍ୟ) : ପୁଣି ଆସୁଛି ବାତ୍ୟା । ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ୧୩ ତାରିଖ ବେଳକୁ ଲଘୁଚାପ ଏବଂ ଉତ୍ତର-ପଶ୍ଚିମ ଦିଗରେ ଗତି କରି ୧୪ରେ ସ୍ପଷ୍ଟ

୧୬ ବେଳକୁ ଭୀଷଣ ବାତ୍ୟା ରୂପ ଆନ୍ଧ୍ର-ତାମିଲନାଡୁ ସ୍ଥଳଭାଗ ଯିବା ସମ୍ଭାବନା

ଚିହ୍ନିତ ଲଘୁଚାପ ରୂପ ନେବ । ପରେ ଅର୍ଥାତ ୧୫ ତାରିଖ ସୁଦ୍ଧା ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା । (୯ ପୃଷ୍ଠାରେ)

କଟକ ବାଲିଯାତ୍ରାକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି

କଟକ, ୧୧।୧୧ (ସବ୍ୟ୍ୟ): ଚଳିତ ବର୍ଷ କଟକର ଐତିହାସିକ ବାଲିଯାତ୍ରା ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ ବୋଲି ଜଣାପଡିଛି । ଆସନ୍ତା ନଭେମ୍ବର ୨୪ ତାରିଖ ସଂଧ୍ୟାରେ ବାଲିଯାତ୍ରା ଉତ୍ସବକୁ ଆନୁଷ୍ଠାନିକ ଭାବେ ରାଷ୍ଟ୍ରପତି ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି । ତେବେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ତରଫରୁ ବର୍ତ୍ତମାନ ସୁଦ୍ଧା (୯ ପୃଷ୍ଠାରେ)



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ
ଏବଂ
ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି
ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ
ସାଂସଦ, ଭୁବନେଶ୍ୱର

ଶ୍ରୀ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର

୧୨ ନଭେମ୍ବର ୨୦୨୬ । ଅପରାହ୍ନ ୪.୦୦ଘଟିକା
କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ଭୁବନେଶ୍ୱର

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

OIPR: 27001/27068/2/26-27/0025 27001/223/2627

ତବୁଙ୍କ ନୂଆ ଲୁକ୍

ଅଭିନେତ୍ରୀ ତବୁଙ୍କର ନୂଆ

ନେଇ ଅନେକ ଚର୍ଚ୍ଚା ଦେଖିବାକୁ ମିଳୁଛି । ନାଗାର୍ଜୁନ ଆକ୍ଲିନେନୀଙ୍କ ଅଭିନୀତ ବହୁପ୍ରତୀକ୍ଷିତ

୨୦୨୬ ଡିସେମ୍ବର କ୍ରିସମାସ ଅବସରରେ ରିଲିଜ ହେବାନେଇ ଯୋଜନା ରହିଛି । ଏହି ଫିଲ୍ମରେ ତବୁଙ୍କର ସ୍ପେସାଲ ଲୁକର ଏକ ଝଲକ ମେକର୍ସମାନେ ସୋସିଆଲ ମିଡିଆରେ ରିଲିଜ କରିଛନ୍ତି । ଏହି ୫୦-ସେକେଣ୍ଡର

ତବୁଙ୍କର ଏହି ଭିନ୍ନ ଚରିତ୍ରକୁ ତାଙ୍କର ଫ୍ୟାନମାନେ ଖୁବ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ସମସ୍ତେ ଉଭୟଙ୍କୁ ପରଦାରେ ଏକାଠି

ମିଡିଆରୁ ଜଣା ପଡୁଛି ।

ସଙ୍ଗୀତଜ୍ଞ ମାଥିଆସ୍ କ୍ରାଣ୍ଟଜ୍ ପିଆନୋ ବଜାଇବା ଶିଖାଇଛନ୍ତି । ପ୍ରାରମ୍ଭରେ ଆଲୋକିତ ପିଆନୋ ନ ଡ଼ ସ ହ ଯ ରେ ସେ ଅକ୍ଟୋ ପସ୍‌କୁ ଶଖ ଇ ରେ ଫ ହେ । ପରେ, ଏକ ସ୍ୱତନ୍ତ୍ର ପିଅ ନେ ନିମ ଣ ରିଥି । ଯେଉଁଥିରେ ସଠ ୍ ସ୍ୱର ଜ ଟୁ ୍ ମ ମରେ ଧ ରେ ଧ ରେ ଡ଼ା ଆସି ପହଞ୍ଚିଥାଏ ଏବଂ ସମ୍ପୂର୍ଣ୍ଣ ଟ୍ୟୁନ୍ ବଜାଇବା ପରେ ହିଁ ଅକ୍ଟୋପସ୍ ଏହାକୁ ପୁରସ୍କାର ଭାବେ ପାଇଥାଏ । ମାଥିଆସ୍‌ଙ୍କ କହିବାନୁଯାୟୀ, ଅକ୍ଟୋପସ୍‌ମାନେ ଅତ୍ୟନ୍ତ ବୁଦ୍ଧିମାନ ଏବଂ ସେମାନଙ୍କର ଆଠଟି ହାତ ପ୍ରତ୍ୟେକଟିରେ ସ୍ୱତନ୍ତ୍ର ସ୍ନାୟୁ ପ୍ରଣାଳୀ ଥାଇ ଜଟିଳ କାର୍ଯ୍ୟ ଶିଖିବାରେ ସମର୍ଥ । ତେଣୁ ସେମାନଙ୍କୁ ପିଆନୋ ଶିଖାଇବା ମଧ୍ୟ ଖୁବ ସହଜ ଥିଲା । ଏହି ଭିଡିଓଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।

ଅକ୍ଟୋପସ ବଜାଉଛି ପିଆନୋ





ଚୀନ ଭଳି ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଅଜବ ଖାଦ୍ୟପାନୀୟ ମିଳିଥାଏ । ଚୀନରେ କଙ୍କଡା ବିଛା, ଅସରପା ଓ ଝିଟିପିଟି ଆଦି ଖାଇଥାନ୍ତି । ସେହିପରି ଅନେକ ଦେଶରେ ପୋକଜୋକଙ୍କ ସ୍ନାକ୍ସ ମଧ୍ୟ ଖୁବ୍ ବିକ୍ରି ହୁଏ । ତେବେ ପାକିସ୍ତାନର ଅନେକ ସହରରେ ଲୋକମାନେ ଛେଳି, ମେଣ୍ଢାର କିଡନୀ, ମସ୍ତିଷ୍କ, କଲିଜା ଆଦି ଖାଇଥାନ୍ତି । ତେଲ ମସଲା ଦେଇ ଏସବୁକୁ ପ୍ରସ୍ତୁତ କରାଯାଇଥାଏ । ଆସନ୍ତୁ ଜାଣିବା ସେହିଭଳି କିଛି ଅଜବ ଖାଦ୍ୟ ବିଷୟରେ

କପୋରୟ : ମେଣ୍ଢାର ଅଣ୍ଡାକୋଷରୁ ଏହା ପ୍ରସ୍ତୁତ ହୋଇଥାଏ । ଏହାକୁ ଜଳନ୍ତା କୋଇଲାରେ ରଖି ରନ୍ଧା ଯାଇଥାଏ । ସେଠିକାର ଲୋକମାନେ ଏହାକୁ ଖୁବ୍ ପସନ୍ଦ କରିଥାଆନ୍ତି ।

କଟା କଟ୍ : ପାକିସ୍ତାନରେ ଏହା ଏକ ସ୍ୱାଦିଷ୍ଟ ଖାଦ୍ୟ ଭାବେ ଜଣାଶୁଣା। ମେଣ୍ଢାର କଲିଜା, କିଡନୀ ଓ ମସ୍ତିଷ୍କରେ ଏହା ପ୍ରସ୍ତୁତ ହୋଇଥାଏ । ଏସବୁକୁ ସିଝାଇବା ପରେ ଏଥିରେ ଅନେକ ପ୍ରକାର ମସଲା ଦେଇ ଏହାକୁ ପ୍ରସ୍ତୁତ କରାଯାଏ । ଗରମ ତାଓ୍ୱା ଉପରେ ରଖି ଏସବୁକୁ କଟା ଯାଉଥିବାରୁ ଏହାର ନାମ କଟା କଟ୍ ରହିଛି ।

ମଗଜ : ଏହାକୁ ବ୍ରେନ୍ ମସଲା ମଧ୍ୟ କୁହାଯାଏ। ମେଣ୍ଢା ମସ୍ତିଷ୍କକୁ ସିଝା ଯାଇ ଏକାଧିକ ମସଲା ଦେଇ ଏହାକୁ ପ୍ରସ୍ତୁତ କରାଯାଏ । ପାକିସ୍ତାନରେ ଏହାକୁ ପରଟା ସହ ପରଷା ଯାଇଥାଏ ।

ଚିକେନ୍ ଫୁଟ୍ ସୁପ୍ - ଏହାକୁ ପଞ୍ଜୋ କା ସୁପ୍ ବୋଲି ସେଠିକାର ଲୋକମାନେ ଜାଣନ୍ତି । ଏହି



ଡିସ୍‌ରେ ଅନ୍ୟ ସମସ୍ତ ପରିବା ଓ ମସଲା ସହିତ ଚିକେନ୍‌ର ଗୋଡ ଉପରେ ଥୁଆହୋଇଥିବାର ନଜର ଆସିଥାଏ । ଏଥିରେ ଚିକେନ୍‌ର କେବଳ ଗୋଡକୁ ବ୍ୟବହାର କରାଯାଇଥାଏ ।

'ସମୟ'ର ୩୦ତମ ବାର୍ଷିକ ଉତ୍ସବର ଝଲକ୍


ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ


ମଞ୍ଚାସୀନ ଅତିଥିବୃନ୍ଦ


ବକ୍ତବ୍ୟ ରଖୁଛନ୍ତି 'ସମୟ'ର ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ


ସ୍ୱାଗତ ଭାଷଣ ପ୍ରଦାନ କରୁଛନ୍ତି ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର


ସମ୍ମାନୀୟ ଅତିଥି ସୌମ୍ୟଜିତ ପଟ୍ଟନାୟକଙ୍କ ଉଦ୍‌ବୋଧନ


ବକ୍ତବ୍ୟ ଉପସ୍ଥାପନ କରୁଛନ୍ତି ସମ୍ମାନୀୟ ଅତିଥି ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ


ଅନ୍ୟତମ ସମ୍ମାନୀୟ ଅତିଥି ତଥା ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ଉଦ୍‌ବୋଧନ


ଅଭିଭାଷଣ ପ୍ରଦାନ କରୁଛନ୍ତି ମୁଖ୍ୟ ଅତିଥି ତଥା ବିଧାୟକ ଆକାଶ ଦାସ ନାୟକ


ନିମନ୍ତ୍ରିତ ବ୍ୟକ୍ତି ବିଶେଷଙ୍କ ଗହଣରେ 'ସମୟ'ର ନିର୍ଦ୍ଦେଶିକା ଅନିତା ମହାନ୍ତି ଓ ପରିଚାଳନା ନିର୍ଦ୍ଦେଶିକା ତେଜଲ ବିଶ୍ୱାଳ




ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି 'ସମୟ'ର ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ


ସମ୍ବର୍ଦ୍ଧିତ ହେଉଛନ୍ତି ଅତିଥି ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ


ସମ୍ମାନିତ ଅତିଥି ଇରାଶିଷ ଆଚାର୍ଯ୍ୟଙ୍କ ସହ 'ସମୟ'ର ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ


ମୁଖ୍ୟ ଅତିଥି ଆକାଶ ଦାସ ନାୟକଙ୍କ ସହିତ ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ


ବନ୍ଦେ ଉତ୍କଳ ଜନନୀ ଗାନ କରିଥିବା ଟିମ୍ ଓ 'ସମୟ' କର୍ମଚାରୀମାନଙ୍କ ସହିତ ନିର୍ଦ୍ଦେଶିକା ଅନିତା ମହାନ୍ତି


ଧନ୍ୟବାଦ ଅର୍ପଣ କରୁଛନ୍ତି ପ୍ରକାଶକ ସତ୍ୟନାରାୟଣ ମହାନ୍ତି


ମଞ୍ଚ ପରିଚାଳନା କରୁଛନ୍ତି ଉପସ୍ଥାପିକା ଗୁନ୍‌ଗୁନ୍

ଓଡ଼ିଶା-ଜାପାନ ସମ୍ପର୍କରେ ନୂଆ ଅଧ୍ୟାୟ

ସ୍ଥାୟୀ ସମ୍ପର୍କ ଓ ଦ୍ୱିପାକ୍ଷିକ ଅଭିବୃଦ୍ଧି ପାଇଁ ଆମେ ପ୍ରତିବଦ୍ଧ- ମୁଖ୍ୟମନ୍ତ୍ରୀ



ତୋଡୋରି ପ୍ରିଫେକ୍‌ଚର୍ ସହ ଐତିହାସିକ 'ମୈତ୍ରୀ ସମ୍ପର୍କ ଚୁକ୍ତି' ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ଏବଂ ଜାପାନର ତୋଡୋରି ପ୍ରିଫେକ୍‌ଚର୍ (ରାଜ୍ୟ) ମଧ୍ୟରେ ଆଞ୍ଚଳିକ, ଆର୍ଥିକ, ସାଂସ୍କୃତିକ ଏବଂ ଶିକ୍ଷାଗତ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ବୁଧବାର ସ୍ଥାନୀୟ ଲୋକସେବା ଭବନସ୍ଥିତ କନଭେନ୍ସନ୍ ସେଣ୍ଟରଠାରେ ଏକ ଐତିହାସିକ 'ମୈତ୍ରୀ ସମ୍ପର୍କ ଚୁକ୍ତି' ସ୍ୱାକ୍ଷରିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତୋଡୋରି ପ୍ରିଫେକ୍‌ଚର୍‌ଦ୍ଦର ଗଭର୍ଣ୍ଣର ଶିଞ୍ଜୀ ହିରାଇଙ୍କ ଉପସ୍ଥିତିରେ ଏହି ଦ୍ୱିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଛି। ଏହି ବୁଝାମଣା ଫଳରେ ଓଡ଼ିଶାର ଯୁବବର୍ଗଙ୍କ ପାଇଁ ବୈଦେଶିକ ନିଯୁକ୍ତି, ଏମଓୟୁ ଏବଂ ଷ୍ଟାର୍ଟଅପ୍ କ୍ଷେତ୍ରରେ ବିନିଯୋଗ, କୌଶଳ ବିକାଶ ଏବଂ ପର୍ଯ୍ୟଟନର ବ୍ୟାପକ ବିକାଶ ପାଇଁ ନୂତନ ଦିଗ ଉନ୍ମୋଚିତ ହୋଇଛି। ସୂଚନା ଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମ ଅବସରରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରଥମ ବୁଝାମଣା ପତ୍ରଟି 'ଷ୍ଟାର୍ଟଅପ୍ ଓଡ଼ିଶା' ଏବଂ ତୋଡୋରି ପ୍ରିଫେକ୍‌ଚର୍ ମଧ୍ୟରେ ସ୍ୱାକ୍ଷରିତ ହୋଇଛି, ଯାହା ଦ୍ୱାରା ଉଭୟ ଅଞ୍ଚଳ ମଧ୍ୟରେ ବ୍ୟବସାୟିକ, ନିବେଶକ ସଂଯୋଗ ଏବଂ ଏମ୍‌ଓୟୁ ସଂସ୍ଥାଗୁଡ଼ିକ ମଧ୍ୟରେ ସୁଦୃଢ଼ ସହଯୋଗିତା ଗଢ଼ିଉଠିବ। ଦ୍ୱିତୀୟ ବୁଝାମଣା ପତ୍ରଟି ଓଡ଼ିଶାର 'ୱାର୍ଲ୍ଡ ସ୍କିଲ୍ ସେଣ୍ଟର', ତୋଡୋରି ପ୍ରିଫେକ୍‌ଚର୍ ଏବଂ 'ନିହନ୍ ଏକ୍ସଟେକ୍' ମଧ୍ୟରେ ସ୍ୱାକ୍ଷରିତ ହୋଇଛି, ଯାହା ଓଡ଼ିଶାର ଦକ୍ଷ ଯୁବଶକ୍ତି ପାଇଁ ଜାପାନରେ ବୈଦେଶିକ ନିଯୁକ୍ତିର ବ୍ୟାପକ ସୁଯୋଗ ସୃଷ୍ଟି କରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତ ଏବଂ ଜାପାନ ମଧ୍ୟରେ ଗଭୀର ବିଶ୍ୱାସ, ପରସ୍ପର ପ୍ରତି ସମ୍ମାନ ଏବଂ ବହୁ ପୁରାତନ ସଭ୍ୟତାଗତ ସମ୍ପର୍କ ରହିଛି। ଆଜିର ଏହି ମୈତ୍ରୀ ଚୁକ୍ତି ଓଡ଼ିଶା ଏବଂ ତୋଡୋରି ମଧ୍ୟରେ ସେହି ଐତିହାସିକ ସମ୍ପର୍କକୁ ପ୍ରାଦେଶିକ ସ୍ତରକୁ ନେଇ ଏ ସମ୍ପର୍କକୁ ଆହୁରି ଗଭୀର କରିବା ସହିତ ଦୁଇ ଅଞ୍ଚଳର ଜନସାଧାରଣ, ଅନୁଷ୍ଠାନ ଓ ସମୁଦାୟକୁ ନିକଟତର କରିବ ବୋଲି ଶ୍ରୀ ମାଝୀ କହିଛନ୍ତି। ରାଜ୍ୟର ଶିଳ୍ପ ଅଭିବୃଦ୍ଧି ଓ ନିବେଶ ସମ୍ପର୍କରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଇଣ୍ଡୋ ନିସିନ୍, ନିପନ୍ ଷ୍ଟିଲ୍, ଜେ.ଏଫ୍.ଇ. ଷ୍ଟିଲ୍, କ୍ରୋସାକି, ଟିୱାଇକେ, ୟୋକୋହାମା, ଆଇ.ଏଚ୍.ଆଇ. ଏବଂ ଟୋରେ ଭଳି ପ୍ରମୁଖ ଜାପାନୀ ଶିଳ୍ପ ସଂସ୍ଥାଗୁଡ଼ିକ ଓଡ଼ିଶାର ଶିଳ୍ପ ଇକୋ-ସିଷ୍ଟମ ଉପରେ ଗଭୀର ଆସ୍ଥା ପ୍ରକଟ କରିଛନ୍ତି। ଏହି ସଂସ୍ଥାଗୁଡ଼ିକ ରାଜ୍ୟକୁ ନୂତନ ପୁଞ୍ଜିନିବେଶ, ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଓଡ଼ିଆ ଯୁବବର୍ଗଙ୍କ ପାଇଁ ବ୍ୟାପକ କର୍ମସଂସ୍ଥାନର ସୁଯୋଗ ଆଣିଦେଇଛନ୍ତି। ଏଥିସହିତ ତୋଡୋରିର ବ୍ୟବସାୟିକ ନେତୃବୃନ୍ଦଙ୍କୁ ଓଡ଼ିଶାର ଏମଓୟୁ, ଷ୍ଟାର୍ଟଅପ୍, ଶିଳ୍ପ କ୍ଲଷ୍ଟର ଏବଂ ଦକ୍ଷ ଯୁବଶକ୍ତିର ସାମର୍ଥ୍ୟକୁ ଅନୁଧ୍ୟାନ କରିବା ପାଇଁ ସେ ଆମନ୍ତ୍ରଣ ଜଣାଇବା ସହ ନୂତନ ବିଚାରକୁ ସ୍ଥାୟୀ ସହଯୋଗିତାରେ ପରିଣତ କରିବା ପାଇଁ ଓଡ଼ିଶା ସରକାର ସମସ୍ତ ପ୍ରକାରର ସହଯୋଗ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ଆଜି ସ୍ୱାକ୍ଷରିତ ହୋଇଥିବା ଏହି ଚୁକ୍ତି ଦୁଇ ଅଞ୍ଚଳ ମଧ୍ୟରେ ଜ୍ଞାନ, ସଂସ୍କୃତି, ବିଶ୍ୱାସ ଏବଂ ସୁଯୋଗର ଏକ ଜୀବନ୍ତ ସେତୁ ପାଲଟିବ, ଯାହା ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ଦୁଇ ଅଞ୍ଚଳର ଜନସାଧାରଣଙ୍କ ଜୀବନଶୈଳୀକୁ ସମୃଦ୍ଧ କରିଚାଲିବ। କାର୍ଯ୍ୟକ୍ରମରେ ଓଡ଼ିଶାର ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶିଳ୍ପ ସମୃଦ୍ଧି ସହ କୌଶଳ ବିକାଶର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ତୋଡୋରି ପ୍ରିଫେକ୍‌ଚର୍ ସହିତ ଓଡ଼ିଶାର ଏହି ମୈତ୍ରୀ ଭାଗିଦାରୀ ଆମର ଶିଳ୍ପ ସହଯୋଗିତା, ପ୍ରଯୁକ୍ତିବିଦ୍ୟା ବିନିମୟ ଏବଂ ପୁଞ୍ଜିନିବେଶ ସମ୍ପର୍କକୁ ସୁଦୃଢ଼ କରିବା ସହ ଦକ୍ଷତା ବିକାଶ ଓ କାରିଗରୀ ଶିକ୍ଷା କ୍ଷେତ୍ରକୁ ଅଧିକ ଆଗକୁ ନେଇଯିବ। ଏହି ଅବସରରେ ଓଡ଼ିଶାର ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିଜ ବକ୍ତବ୍ୟରେ କହିଥିଲେ ଯେ ପ୍ରଯୁକ୍ତିବିଦ୍ୟା ସହଯୋଗିତା, ଯୁଗ୍ମ ଉତ୍ପାଦ ବିକାଶ, ଉତ୍ପାଦନ ସଂଯୋଗ, ବଜାର ପ୍ରବେଶ ଏବଂ ଉତ୍ତମ ବ୍ୟବସାୟିକ ପଦ୍ଧତିର ବିନିମୟ ମାଧ୍ୟମରେ ଓଡ଼ିଶାର ଏମ୍‌ଓୟୁ ଓ ଷ୍ଟାର୍ଟଅପ୍‌ଗୁଡ଼ିକ ତୋଡୋରି ସହିତ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ସମ୍ପର୍କ ଗଢ଼ିତୋଳିବାର ବ୍ୟାପକ ସମ୍ଭାବନା ରହିଛି। ଏହି ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ କୋଲକାତାସ୍ଥିତ ଜାପାନର କନ୍‌ସୁଲ୍-ଜେନେରାଲ୍ ମିଷ୍ଟର ଇଷିକାୱା ୟୋସିହିସା, ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ବିଶିଷ୍ଟ ଶିଳ୍ପପତି, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିଳ୍ପ ବିଭାଗ ନିର୍ଦ୍ଦେଶିକା ଶ୍ରୀମତୀ ଆବୋଲି ସୁନୀଲ ନରାବନେ ଧନ୍ୟବାଦ ଜ୍ଞାପନ କରିଥିଲେ।

ଖୋର୍ଦ୍ଧା ମଡେଲ ଥାନା ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଖୋର୍ଦ୍ଧା, (ସବ୍ୟୁ) : ସଡ଼କ ସୁରକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହ ଟ୍ରାଫିକ ନିୟମ ପାଳନ ଦିଗରେ ଜନସାଧାରଣଙ୍କ ମଧ୍ୟରେ ଦାୟିତ୍ୱବୋଧ ସୃଷ୍ଟି କରିବା ଲକ୍ଷ୍ୟରେ ଆଦର୍ଶ ଥାନା ପୁଲିସ ପକ୍ଷରୁ ବୁଧବାର ଖୋର୍ଦ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁଲିସ ପକ୍ଷରୁ ଚାଲିଥିବା ସଡ଼କ ସୁରକ୍ଷା ସମ୍ପର୍କିତ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) ଅଭିଯାନର ଅଂଶବିଶେଷ ଭାବେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଆଦର୍ଶ ଥାନାର ଭାରପ୍ରାପ୍ତ ଅଧିକାରୀ ରମେଶ କୁମାର ଦେବତାଙ୍କ ନେତୃତ୍ୱରେ ଅନ୍ୟ ପୁଲିସ କର୍ମଚାରୀମାନେ ଏଥିରେ ଯୋଗଦେଇଥିଲେ। ସଚେତନତା ଅଧିବେଶନରେ ଛାତ୍ରୀମାନଙ୍କୁ ଟ୍ରାଫିକ୍ ନିୟମ ପାଳନ, ଦୁଇଚକିଆ ଯାନ ଚାଳନା ସମୟରେ ହେଲମେଟ୍ ପରିଧାନ, ଚାରିଚକିଆ ଯାନରେ ସିଟ୍ ବେଲ୍ଟ ବ୍ୟବହାର, ରାସ୍ତା ପାର ହେବା ସମୟରେ ସତର୍କତା ଅବଲମ୍ବନ ଏବଂ ନାବାଳକଙ୍କ ଗାଡ଼ି ଚାଳନାରୁ ନିବୃତ ରହିବା ଆଦି ବିଷୟରେ ବୁଝାଯାଇଥିଲା। କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ ଓ ଶିକ୍ଷଣୀୟ କରିବା ଉଦ୍ଦେଶ୍ୟରେ ସଡ଼କ ସୁରକ୍ଷା ସମ୍ପର୍କିତ କୁଇଜ୍, ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଛାତ୍ରୀମାନେ ଉତ୍ସାହର ସହ ଏଥିରେ ଭାଗନେଇ ଟ୍ରାଫିକ୍ ଶୃଙ୍ଖଳା ଓ ଦୁର୍ଘଟଣା ନିରାକରଣ ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ପୁଲିସ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀମାନେ ପୁଲିସ କର୍ମଚାରୀଙ୍କ ସହ ହାତରେ ସଡ଼କ ସୁରକ୍ଷା ସମ୍ପର୍କିତ ପ୍ଲାକାର୍ଡ ଧରି ନିକଟସ୍ଥ ଅଂଚଳ ରେ ଏକ ସଚେତନତା ଶୋଭାଯାତ୍ରା ଓ ପଦଯାତ୍ରା କରିଥିଲେ। ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସୁରକ୍ଷିତ ଗାଡ଼ି ଚାଳନା ଓ ଟ୍ରାଫିକ୍ ନିୟମ ପାଳନ ପାଇଁ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସର ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଥିଲେ। ଏଭଳି ସଚେତନତା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଆଦର୍ଶ ଥାନା ଅଂଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସ୍ଥାନରେ ଜାରି ରହିବ ବୋଲି ଥାନା ଅଧିକାରୀ ଶ୍ରୀ ଦେବତା ପ୍ରକାଶ କରିଥିଲେ। ସଡ଼କ ଦୁର୍ଘଟଣା ହ୍ରାସ କରିବା ସହ ଲୋକଙ୍କ ମଧ୍ୟରେ ସୁରକ୍ଷିତ ଯାତାୟାତ ଅଭ୍ୟାସ ଗଢ଼ି ତୋଳିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫- ୨୬ରେ ଓଡ଼ିଶାକୁ ଜାତୀୟ ସ୍ୱୀକୃତି

ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କଲେ ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ସହରାଞ୍ଚଳର ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା ଓ ସୁସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ନିରନ୍ତର ପ୍ରୟାସକୁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫- ୨୬ରେ ଓଡ଼ିଶାକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ରାଜ୍ୟ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ। ଏହି ସଫଳତାରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଛି ପୁରୀ। ସ୍ୱଚ୍ଛ ଉପକୂଳ ସହର ବର୍ଗରେ ପୁରୀ ପ୍ରଥମ ସ୍ଥାନ ହାସଲ କରିଛି।



ସେହିପରି ଓଡ଼ିଶାର ପ୍ରଥମ ରାଜ୍ୟସ୍ତରୀୟ ସ୍ୱଚ୍ଛ ସହର ଭାବେ ଭୁବନେଶ୍ୱରକୁ ସ୍ୱୀକୃତି ମିଳିଥିବାବେଳେ, ୨୦ ହଜାରରୁ ୫୦ ହଜାର ଜନସଂଖ୍ୟା ବର୍ଗର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମଧ୍ୟରେ ଆସିକା ପୌରପାଳିକା ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଜାତୀୟ ସ୍ୱୀକୃତି ଓଡ଼ିଶାର ସ୍ୱଚ୍ଛ, ସୁସ୍ଥ ଓ ବାସଯୋଗ୍ୟ ସହର ଗଠନ ଦିଗରେ ନିରନ୍ତର ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ଏଥିସହ ରାଜ୍ୟ ସରକାର, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ସଫେଇ କର୍ମଚାରୀ ଓ ନାଗରିକମାନଙ୍କର ସମ୍ମିଳିତ ପ୍ରୟାସକୁ ମଧ୍ୟ ଏହା ସ୍ୱୀକୃତି ପ୍ରଦାନ କରିଛି। ଏହି ପୁରସ୍କାର ସମାରୋହରେ ସ୍ୱତନ୍ତ୍ର ଶାସନ ସଚିବ ତଥା ସ୍ୱଚ୍ଛ ଭାରତ ମିଶନ୍ (ସହରାଞ୍ଚଳ)ର ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଭୁବନେଶ୍ୱର ମହାନଗର ନିଗମର କମିଶନର, ପୁରୀ ମହାନଗର ନିଗମର ପ୍ରତିନିଧି ଏବଂ ଆସିକା ପୌରପାଳିକାର ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀଙ୍କ ସମେତ ରାଜ୍ୟ ପ୍ରତିନିଧି ଦଳର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

ଅନୁଗୋଳରେ "ଲୋକତନ୍ତ୍ର ବଞ୍ଚାଓ - ଅରାଜକତା ହଟାଓ" ପଦଯାତ୍ରା

ଗରିବ ଓ ଜନଜାତିଙ୍କ ନେତୃତ୍ୱକୁ କଂଗ୍ରେସ ସହ୍ୟ କରିପାରୁନାହିଁ - ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : ଗରିବ ଓ ଜନଜାତିଙ୍କ ନେତୃତ୍ୱକୁ କଂଗ୍ରେସ ସହ୍ୟ କରିପାରୁନାହିଁ ବୋଲି ବୁଧବାର ଅନୁଗୋଳ ଠାରେ "ଲୋକତନ୍ତ୍ର ବଞ୍ଚାଓ - ଅରାଜକତା ହଟାଓ" ପଦଯାତ୍ରାରେ ସାମିଲ ହେବା ସହ ଏକ ସଭାକୁ ସମ୍ବୋଧିତ କରିବା ଅବସରରେ କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ପଦଯାତ୍ରାରେ ବିରୋଧୀ କଂଗ୍ରେସ ଦଳର ଅରାଜକତା, ଭ୍ରଷ୍ଟାଚାର, ଗଣତନ୍ତ୍ର ବିରୋଧୀ ରୂପ ଏବଂ ଦେଶର ବିକାଶ ବିରୋଧୀ ମାନସିକତା ଉପରେ ସେ କଡ଼ା ପ୍ରହାର କରିଛନ୍ତି। ଦେଶବାସୀ କଂଗ୍ରେସର ଅରାଜକତା ଓ ତୁଷ୍ଟୀକରଣ ରାଜନୀତିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ବାରମ୍ବାର ନିର୍ବାଚନରେ ହାରିବା ପରେ ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ଆଜି ଗଣତନ୍ତ୍ର, ନିର୍ବାଚନ ଆୟୋଗ ଏବଂ ସମ୍ବିଧାନ ବିରୋଧରେ



ଅପପ୍ରଚାର କରୁଛନ୍ତି, ଯାହା ତାଙ୍କ ହତାଶାଭାବର ପ୍ରତିଫଳନ। ଗଣତନ୍ତ୍ରର ବାସ୍ତବ ଶକ୍ତି ଯୋଗୁଁ ଆଜି ଓଡ଼ିଶାର ଜଣେ ଆଦିବାସୀ ଘରର ଝିଅ ଦ୍ରୌପଦୀ ମୁର୍ମୁ ଜୀ ଦେଶର ରାଷ୍ଟ୍ରପତି ହୋଇପାରିଛନ୍ତି ଏବଂ କିନ୍ତୁ କଂଗ୍ରେସର ଶୀର୍ଷ ନେତୃତ୍ୱ ଓ ଗାନ୍ଧୀ ପରିବାର ଏହି ଗରିବ ଓ ଜନଜାତି ନେତୃତ୍ୱକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ବାରମ୍ବାର ନିର୍ବାଚନରେ ହାରିବା ପରେ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ନେତାମାନେ ଗଣତନ୍ତ୍ର, ସମ୍ବିଧାନ, ନିର୍ବାଚନ ଆୟୋଗ ଏବଂ ଜନମତ ବିରୋଧରେ ଅପପ୍ରଚାର କରୁଛନ୍ତି। ଜଣେ ସାଧାରଣ ଚା'-ବିକାଳିଙ୍କ ପୁଅ ନରେନ୍ଦ୍ର ମୋଦୀ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। ଦୀର୍ଘ ଶାସନ କାଳରେ ସେବା ନକରି କେବଳ ନିଜ ପରିବାରର ଜାଗିର ଭାବୁଥିବା ନେତାମାନଙ୍କୁ ଆଜି ଦେଶବାସୀ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହି ପଦଯାତ୍ରା ଓ ସଭାରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଶ୍ରୀ ପ୍ରଧାନ ଏହି ଅରାଜକତା ଓ ହୀନ ମାନସିକତା ବିରୋଧରେ ଗାଁ ଗାଁରେ ଜନଜାଗରଣ ସୃଷ ି କରିବାକୁ ଆହ୍ୱାନ ଦେଇଛନ୍ତି।

କିଟ୍ ଓ କିସ୍ ପରିଦର୍ଶନରେ ଜାପାନର ୩୫ ଜଣିଆ ପ୍ରତିନିଧିମଣ୍ଡଳୀ

୪ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ) : ଜାପାନ ଟୋଟୋରିରୁ ୩୫ ଜଣିଆ ପ୍ରତିନିଧିମଣ୍ଡଳୀ ଆଜି କିଟ୍ ଓ କିସ୍ ପରିଦର୍ଶନ କରି ଫେରିଯାଇଛନ୍ତି। ଏହି ପ୍ରତିନିଧିମଣ୍ଡଳୀ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଓ କିସ୍ ପରିଦର୍ଶନ କରିବା ସହ ଏଠାକାର କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷା ଓ ଗବେଷଣା ଉପରେ ଆଲୋଚନା କରିଥିଲେ। କିସ୍ ଓ କିଟ୍ ପରିଦର୍ଶନ କରିବା ପରେ ସେମାନେ ବେଶ୍ ସନ୍ତୋଷ ବ୍ୟକ୍ତ କରି ଏଭଳି ପ୍ରୟାସ ପାଇଁ ସେମାନେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଜାପାନର ଟୋଟୋରି ବିଶ୍ୱବିଦ୍ୟାଳୟ, ଓନେଷ୍ତ୍ରକ୍ସନ, ଟିଓଏ ସଫ୍ଟୱେର ଏବଂ ଆଇଇପିଏମ୍‌ଏଫ୍ ଓ ଆର ଜିରୋ ମଧ୍ୟରେ ୪ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର



ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣା ଜରିଆରେ ଶିକ୍ଷା, ମିଳିତ ଗବେଷଣା ଏବଂ ଶିଳ୍ପ ସହଯୋଗକୁ ଅଧିକ ସୁଦୃଢ଼ କରାଯିବ। ଏହାଦ୍ୱାରା ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଟର୍ନସିପ୍, ନିଯୁକ୍ତି ଏବଂ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ଦିଗରେ ସୁଯୋଗ ସୃଷ୍ଟି ହେବ। ଏହି ବୁଝାମଣା ମାଧ୍ୟମରେ ଉଚ୍ଚଶିକ୍ଷା, ଗବେଷଣା ଓ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଭାରତ ଓ ଜାପାନ ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରହିଛି। ବିଶେଷକରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସାଇବର ସିକ୍ୟୁରିଟି, ବ୍ଲକଚେନ୍, ରୋବୋଟିକ୍ସ ଏବଂ ସେମିକଣ୍ଡକ୍ଟର ଭଳି ଅତ୍ୟାଧୁନିକ କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି। ଏହି ଅବସରରେ ଜାପାନୀ ପ୍ରତିନିଧିମଣ୍ଡଳୀ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ବୁଝାମଣାରେ ସନ୍ତୋଷ ବ୍ୟକ୍ତ କରି ଶ୍ରୀ ସାମନ୍ତ କହିଲେ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସମେତ

ଗଞ୍ଜାମର କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଦାବି
ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ଋଷିକୁଲ୍ୟା ରୟତ ମହାସଭା

ବ୍ରହ୍ମପୁର, (ସବ୍ୟୁ): ବାରମ୍ବାର ବାତ୍ୟା, ଲଗାଣ ବର୍ଷା, ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଗଞ୍ଜାମ ଜିଲ୍ଲାର ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହେଉଛନ୍ତି । ଚାଷ ନଷ୍ଟ ହେବା ସହ ଆର୍ଥିକ ମେରୁଦଣ୍ଡ ଦୁର୍ବଳ ହୋଇପଡ଼ିଛି । ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀ ଓ ଭାଗଚାଷୀଙ୍କ ସୁରକ୍ଷା, ଥଇଥାନ ଏବଂ ଆର୍ଥିକ ସହାୟତା ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବାକୁ ଦାବି ହୋଇଛି । ଏନେଇ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଆଜି ସ୍ଥାନୀୟ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ବିଜୟ ଅମୃତ କୁଲାଙ୍ଗେଙ୍କୁ ସାକ୍ଷାତ କରି ୧୫ ଦୋଫଛ ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଶ୍ରୀ କୁଲଙ୍ଗେ ଦାପିପତ୍ର ଗୁଡିକୁ ପ୍ରତି ସହାନୁବତି ସହ ପଦକ୍ଷେପ ଗ୍ରହଣ କରିବେ ପ୍ରତିଶ୍ରୁତି ଦେଇଛନ୍ତି । ଗଞ୍ଜାମ ଜିଲ୍ଲାର କୃଷି ଓ କୃଷକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଏହି ଦାବିପତ୍ରରେ ବିଭିନ୍ନ ପ୍ରସ୍ତାବ ରଖାଯାଇଛି । ମହାସଭା ପକ୍ଷରୁ କୁହାଯାଇଛି ଯେ, ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଚାଷୀଙ୍କ ଫସଲ ନଷ୍ଟ ହେଉଥିବାବେଳେ ଉପଯୁକ୍ତ କ୍ଷତିପୂରଣ ମିଳିବାରେ ବିଳମ୍ବ ହେଉଛି । ଫଳରେ ଚାଷୀ ଋଣଭାରରେ ବୁଡ଼ି ରହୁଛନ୍ତି । ଅନେକ ଚାଷୀ ଜୀବିକା ହରାଇବା ସହ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି । ଏଥିପାଇଁ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଆର୍ଥିକ ସହାୟତା, କୃଷି ଋଣରେ ରିହାତି ଓ ଆବଶ୍ୟକ ସ୍ଥଳେ ଋଣ ଛାଡ଼ ବ୍ୟବସ୍ଥା କରିବାକୁ ଦାବି ହୋଇଛି ।

ସେହିପରି ଭାଗଚାଷୀମାନଙ୍କୁ ମଧ୍ୟ ସରକାରୀ ସହାୟତାର ପରିସରଭୁକ୍ତ କରିବା, ଫସଲ କ୍ଷତିର ଉପଯୁକ୍ତ ଆକଳନ କରି କ୍ଷତିପୂରଣ ପ୍ରଦାନ ଏବଂ କୃଷି ବୀମା ବ୍ୟବସ୍ଥାକୁ ସରଳ କରିବା ଉପରେ ମହାସଭା ଗୁରୁତ୍ୱ ଦେଇଛି । ଜଳସେଚନ ସୁବିଧା, ନଦୀବନ୍ଧ ସୁରକ୍ଷା, ବନ୍ୟା ନିୟନ୍ତ୍ରଣ ଓ ଚାଷଜମିର ସ୍ଥାୟୀ ସୁରକ୍ଷା ପାଇଁ ଦୀର୍ଘମିଆଦୀ ଯୋଜନା ଗ୍ରହଣ କରିବାକୁ ମଧ୍ୟ ଦାବି ହୋଇଛି ।

ଅନ୍ୟପକ୍ଷରେ ବଡ଼ ବନ୍ଧ ଓ ଜଳଭଣ୍ଡାର ନିର୍ମାଣ ସମ୍ପର୍କରେ ମଧ୍ୟ ମହାସଭା ଉଦ୍ବେଗ ପ୍ରକାଶ କରିଛି । ଏଭଳି ପ୍ରକଳ୍ପର ପରିବେଶ, କୃଷି ଓ ସାଧାରଣ ଜନଜୀବନ ଉପରେ ପଡୁଥିବା ପ୍ରଭାବର ସଠିକ୍ ଅନୁଧ୍ୟାନ କରିବା ସହ ପ୍ରଭାବିତ ଲୋକଙ୍କ ସ୍ୱାର୍ଥ ଓ ଜୀବିକାର ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି କରାଯାଇଛି । କୃଷିକୁ ଲାଭଜନକ କରିବା, ଚାଷୀଙ୍କ ଉତ୍ପାଦିତ ଫସଲର ଉଚି ମୂଲ୍ୟ ପ୍ରଦାନ, କୃଷିଭିତ୍ତିକ ଭିତ୍ତିଭୂମିର ବିକାଶ ଏବଂ ବିପର୍ଯ୍ୟୟ ସମୟରେ ତୁରନ୍ତ ସହାୟତା ପହଞ୍ଚାଇବା ଦିଗରେ ସରକାର ଠୋସ୍ ପଦକ୍ଷେପ ନେବା ଆବଶ୍ୟକ ବୋଲି ମହାସଭା ଦାବି କରିଛି । ଗଞ୍ଜାମ ଜିଲ୍ଲାର କୃଷକଙ୍କ ଦୁର୍ଦ୍ଦଶାକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବା ସହ ଦାବିଗୁଡ଼ିକ ଉପରେ ବିଚାର କରିବାକୁ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ବରିଷ୍ଠ ସାମ୍ବାଦିକ ତଥା ଉପଦେଷ୍ଟା ଶ୍ରୀ ରବି ରଥ, ସମ୍ପାଦକ ସୀମାଞ୍ଚଳ ନାହାକ, ଚାଷୀ ନେତା ବିଜୟ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ
ଏନ୍.ବି.ଏସ୍. ରାଜପୁତଙ୍କ ଗୋପାଳପୁର ବନ୍ଦର ପରିଦର୍ଶନ



ଛତ୍ରପୁର, (ସବ୍ୟୁ): ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀ ଏନ୍.ବି.ଏସ୍. ରାଜପୁତଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଜି ଗୋପାଳପୁର ବନ୍ଦର ପରିଦର୍ଶନ କରି ବନ୍ଦରର ଭିତ୍ତିଭୂମି, ପରିଚାଳନାଗତ ଦକ୍ଷତା ଏବଂ ପ୍ରସ୍ତାବିତ ସମ୍ପ୍ରସାରଣ ଯୋଜନାର କ୍ଷେତ୍ରୀୟ ସମୀକ୍ଷା କରିଛନ୍ତି । ଏହି ପରିଦର୍ଶନ ସମୟରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଓଡ଼ିଶା ସମୁଦ୍ରିୟ ପରିଷଦ ମୁଖ୍ୟ ପରିଚାଳନା ଅଧିକାରୀ ସୁନ୍ଦର ମାଧବ ପାଢ଼ୀଙ୍କ ସମେତ ରାଜ୍ୟ ଓ ଜିଲ୍ଲା ପ୍ରଶାସନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ପରିଦର୍ଶନ ଦକ୍ଷିଣ ଓଡ଼ିଶାରେ ସାମୁଦ୍ରିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ବନ୍ଦରଭିତ୍ତିକ ଅର୍ଥନୈତିକ ଓ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଅଂଶବିଶେଷ ଅଟେ ।

ପ୍ରତିନିଧିଦଳ ବନ୍ଦରର ପ୍ରମୁଖ ଭିତ୍ତିଭୂମି, କାର୍ଗୋ ପରିଚାଳନା ସୁବିଧା ଓ ପରିଚାଳନା କ୍ଷେତ୍ର, ଲଜିଷ୍ଟିକ୍ସ ସହାୟତା ବ୍ୟବସ୍ଥା ଏବଂ ଯୋଗାଯୋଗ ଭିତ୍ତିଭୂମିର ବିସ୍ତୃତ ସମୀକ୍ଷା କରିଥିଲେ । ଏଥିସହ ପ୍ରସ୍ତାବିତ ସମ୍ପ୍ରସାରଣ ପାଇଁ ଚିହ୍ନଟ ହୋଇଥିବା ଜମିଗୁଡ଼ିକ ପରିଦର୍ଶନ କରି ବନ୍ଦରର କ୍ଷମତା ବୃଦ୍ଧି ଏବଂ ଦୀର୍ଘମିଆଦୀ ବିକାଶ ଯୋଜନା ପାଇଁ ସେଗୁଡ଼ିକର ଉପଯୋଗିତା ଆକଳନ କରିଥିଲେ । ଏହି ଅବସରରେ ଗୋପାଳପୁର ବନ୍ଦରର ବାଣିଜିକ ମୁଖ୍ୟ ବନ୍ଦରର ବର୍ତ୍ତମାନର ଭିତ୍ତିଭୂମି, ପରିଚାଳନାଗତ ଦକ୍ଷତା, ମାଲ ପରିବହନ କ୍ଷମତା ଏବଂ ଭବିଷ୍ୟତ ବିକାଶ ଯୋଜନା ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ । ପ୍ରସ୍ତାବିତ ସମ୍ପ୍ରସାରଣ ପାଇଁ ଅତିରିକ୍ତ ଜମିର ଆବଶ୍ୟକତା ସହିତ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକର ଖଣିଜ ସମ୍ପଦ ସମୃଦ୍ଧ ଅଞ୍ଚଳରୁ ବନ୍ଦରକୁ ରେଳ ଓ ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ପ୍ରମୁଖ ସଚିବଙ୍କ ଦୃଷ ଆକର୍ଷଣ କରାଇଥିଲେ ।

ଏଥିସହ ରପ୍ତାନି-ଆମଦାନି କାର୍ଗୋ ପରିଚାଳନା କ୍ଷମତା ବୃଦ୍ଧି ସହ ଏହି ଅଞ୍ଚଳରେ ବନ୍ଦରଭିତ୍ତିକ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବା ପାଇଁ ଆବଶ୍ୟକ ସହାୟକ ଭିତ୍ତିଭୂମିର ବିକାଶ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଗୋପାଳପୁର ବନ୍ଦରର ଅଧିକାରୀମାନେ ଏହାର ସଠିକ ଭୌଗଳିକ ଅବସ୍ଥିତି, ବହୁମୁଖୀ ଯୋଗାଯୋଗ ବ୍ୟବସ୍ଥା ଏବଂ ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ସାମୁଦ୍ରିକ ବାଣିଜ୍ୟ କେନ୍ଦ୍ର ଭାବେ ଉଭା ହେବାର ଉଲ୍ଲେଖନୀୟ ସମ୍ଭାବନା ସମ୍ପର୍କରେ ଅବଗତ କରାଇଥିଲେ ।

ସୁକନ୍ୟା ସମୃଦ୍ଧି ଯୋଜନା ସଚେତନତା ଶିବିର : ଭବିଷ୍ୟତର ଶିକ୍ଷା ଓ ବିବାହ କ୍ଷେତ୍ରରେ ଆର୍ଥିକ ସୁରକ୍ଷା

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ଉପଖଣ୍ଡ ସଞ୍ଚୟ ଏବଂ ଆର୍ଥିକ ସେବା ବିଭାଗ ତରଫରୁ ସଞ୍ଚୟ ପକ୍ଷ ପାଳନ ହୋଇଯାଇଛି । ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ସୁକନ୍ୟା ସମୃଦ୍ଧି ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉକ୍ତ ପକ୍ଷ ପାଳନର ଉଦ୍ଦେଶ୍ୟ । ଏଥିନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ଯୋଜନାର ଉଦ୍ଦେଶ୍ୟ, ସୁବିଧା ଓ ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ସଚେତନ କରିଥିଲେ । ବିଶେଷକରି କନ୍ୟା ସନ୍ତାନଙ୍କ ଭବିଷ୍ୟତ ଶିକ୍ଷା ଓ ବିବାହ ଭଳି ଆବଶ୍ୟକତା ପାଇଁ ଆର୍ଥିକ ସୁରକ୍ଷା ତଥା ସକ୍ଷମତା ନିମନ୍ତେ ଏହି ଯୋଜନାରେ ସଞ୍ଚୟ କରିବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଇଥିଲା । ସୁକନ୍ୟା ସମୃଦ୍ଧି ଯୋଜନା ଏକ ଦୀର୍ଘମିଆଦୀ ସଞ୍ଚୟ ଯୋଜନା ହୋଇଥିବାରୁ ଏହାର ସୁଯୋଗ ନେବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା । ଅତିରିକ୍ତ ଜିଲ୍ଲା ଆର୍ଥିକ ସେବା ଏବଂ ସଞ୍ଚୟ ଅଧିକାରୀ ସ୍ୱାଭିମାନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ପୋଷ୍ଟାଲ ଇନ୍ସପେକଫର ରଘୁନାଥ ମହାନ୍ତି, ବ୍ରାଞ୍ଚ ପୋଷ୍ଟମାଷ୍ଟର ଶାନ୍ତନୁ ମହାପାତ୍ର, ସୁଶ୍ରୀ ପ୍ରଯୁକ୍ତା ଏବଂ ସୁଶ୍ରୀ ସ୍ୱାତୀ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ମାନେ ଯୋଜନା ସଂପର୍କିତ ବିଭିନ୍ନ ବିଷୟରେ ଅବଗତ ହୋଇଥିଲେ ।

ବୋଲେରୋ ଦୁର୍ଘଟଣା : ମହିଳା ମୃତ, ୭ ଗୁରୁତର

ଭଞ୍ଜନଗର, (ସବ୍ୟୁ) : ଗାଙ୍ଗପୁର ଥାନା ଅନ୍ତର୍ଗତ ଇନ୍ଦନପୁର ଗ୍ରାମ ନିକଟରେ ବୋଲେରୋ ଭାରସାମ୍ୟ ହରାଇ ବ୍ରିଜକୁ ଧକ୍କା ଦେଲା । ଫଳରେ ବରଗଡ଼ରୁ ତାରାତାରିଣୀ ମନ୍ଦିର ଅଭିମୁଖେ ଯାଉଥିବା ବୋଲେରୋଟି ଦୁର୍ଘଟଣା ଗ୍ରସ୍ତ ହୋଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ, ପ୍ରମୋଦ ମାହାଙ୍କୁର (୪୪), ସୁଜାତା ପ୍ରଧାନ (୩୦), ବିନୋଦିନୀ ମାହାଙ୍କୁର, ଗୌରୀ ମାହାଙ୍କୁର, ଗୌତମ ମାହାଙ୍କୁର, ଜିଶୋର ମାହାଙ୍କୁର ଏବଂ କୁମୁଦିନୀ ମାହାଙ୍କୁର ପ୍ରମୁଖ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଖବର ଦେବା ପରେ ଘଟଣା ସ୍ଥଳରେ ଆମ୍ବୁଲାନ୍ସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଆସିକା ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ସେଠାରେ କହିରି ମାହାଙ୍କୁରଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁତରଙ୍କୁ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଛି । ଏନେଇ ଗାଙ୍ଗପୁର ଥାନା ପୋଲିସ, ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

ଜିଲ୍ଲାସ୍ତରୀୟ ମଡେଲ ପାର୍ଲାମେଣ୍ଟର ଷ୍ଟଲ ପ୍ରଦର୍ଶନୀ, ପିପୁଲ୍ସ ହାଇସ୍କୁଲ ପ୍ରଥମ

ବୁଗୁଡା, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁରସ୍ଥ ପିଏମଶ୍ରୀ ଅନସ୍ଲୋ ହାଇସ୍କୁଲରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ମଡେଲ ପାର୍ଲାମେଣ୍ଟର ଷ୍ଟଲ ପ୍ରଦର୍ଶନୀରେ କାର୍ଯ୍ୟକ୍ରମରେ ବୁଗୁଡା ପିପୁଲ୍ସ ହାଇସ୍କୁଲ ଅଂଶ ଗ୍ରହଣ କରି ପ୍ରଥମ ସ୍ଥାନ ହାସଲ ପୂର୍ବକ ପୁରସ୍କୃତ ହୋଇଥିବା ଜଣାଯାଇଛି ।



କାର୍ଯ୍ୟକ୍ରମରେ ଜିଲ୍ଲାର ୭୧ଟି ପିଏମଶ୍ରୀ ହାଇସ୍କୁଲ ଅଂଶ ଗ୍ରହଣ କରିଥିବା ବେଳେ କଳାକୃତି, ପିଏମ୍ ପୋଷଣ, ସାହିତ୍ୟ ସୃଜନୀ, ଜିଜ୍ଞାସା, ବିକଶିତ ଭାରତ-୨୦୪୭, ରୋବୋଟିକ୍ସ, ଆମ ସଂସ୍କୃତି ଆମ ଖେଳନା, ଏଫ୍ଏଲ୍ଏନ୍, ପିଲାଙ୍କ ଲେଖନୀରୁ, ସ୍କୋର୍ଟିଙ୍ଗ ଏକ୍ସଲେନ୍ସି ଆଦି ବିଷୟରେ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ।

ଅନ୍ୟପକ୍ଷରେ ଆୟୋଜିତ ଛାୟା ସଂସଦ କାର୍ଯ୍ୟକ୍ରମରେ ପିପୁଲ୍ସ ହାଇସ୍କୁଲ ଦଶମ ଶ୍ରେଣୀ ଛାତ୍ର ପ୍ରିତମ ପ୍ରଧାନ ବିରୋଧୀ ଦଳର ନେତା ଏବଂ ରୁଦ୍ର ନାରାୟଣ ଦାସ ଶାସକ ଦଳର ପରିବେଶ ଓ ଜଳବାୟୁ ମନ୍ତ୍ରୀ ଭାବେ ଚମତ୍କାର ଅଭିନୟ କରି ପୁରସ୍କୃତ ହୋଇଥିବାରୁ ପ୍ରଧାନ ଶିକ୍ଷକ ଶଙ୍କର ଦାସଙ୍କ ସମେତ ସ୍କୁଲ କର୍ତ୍ତୃପକ୍ଷ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ବିଦ୍ୟାଳୟର ପ୍ରଦର୍ଶନୀ ଏବଂ ଛାତ୍ରଙ୍କ ଅଭିନୟ କ୍ଷେତ୍ରରେ ମାର୍ଗ ଦର୍ଶନ କରିବା ଦିଗରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଚିତ୍ରା ବିଷୋୟୀ, ଶିକ୍ଷକ କାଳୀ ଚରଣ ମହାରଣା ଓ କାର୍ଯ୍ୟାଳୟ ସହକାରୀ ସବିତା ବେହେରା ସହଯୋଗ କରିଥିଲେ ।

ଜିଲ୍ଲାସ୍ତରୀୟ ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ବୈଠକ

ବାରିପଦା, (ସବ୍ୟୁ) : ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଓଡିଶାର ଜିଲ୍ଲାସ୍ତରୀୟ ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ମାନଙ୍କ ବୈଠକ ତକତପୁର ସ୍ଥିତ ବିଦ୍ୟାଭରତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଓଡିଶାର ସାଧାରଣ ସମ୍ପାଦକ ଡା. କରୁଣାକର ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ବିଦ୍ୟାଳୟରେ ଶୈକ୍ଷୀକ ବ୍ୟବସ୍ଥା, ଆଚାର୍ଯ୍ୟ ପ୍ରଶିକ୍ଷଣ, ସ୍କାଉଟ ଆଣ୍ଡ ଗାଇଡ୍, ସେବାକାର୍ଯ୍ୟ, ବୃକ୍ଷ ରୋପଣ, ରକ୍ତଦାନ ଶିବିର ତଥା ଜିଲ୍ଲାସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ । ଜିଲ୍ଲାର ୧୮ଟି ବିଦ୍ୟାଳୟରୁ ୪୧ଜଣ ଉପସ୍ଥିତ ରହିଥିଲେ । ଉତ୍ତର କ୍ଷେତ୍ର ପରିଚାଳନା ସମିତିର ସମ୍ପାଦକ ସଞ୍ଜୀବ କୁମାର ମଣ୍ଡଳ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ପ୍ରମୁଖ ପ୍ରତାପ ଚନ୍ଦ୍ର ମହାନ୍ତ ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଝ ରିତା ଶତପଥି ମୁଖ୍ୟ ଅତିଥିଙ୍କୁ ଶ୍ରୀଫଳ ଓ ଉତ୍ତରୀୟ ପ୍ରଦାନ କରିଥିଲେ । ଜିଲ୍ଲା ସଂଯୋଜକ ଦିଲ୍ଲୀପ କୁମାର ଗିରି ବିବରଣୀ ପଠନ କରିଥିଲେ । ଶେଷରେ ବିଦ୍ୟାଳୟର ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ ।

ବଳାତ୍କାରୀ ବାପା ଜାମିନରେ ଆସି ପୁଣି ନିର୍ଯାତନା, ଭିଡିଓ ଭାଇରଲ

ବ୍ରହ୍ମପୁର, (ସବ୍ୟୁ): ଗୋଷାଣୀମୂଆଗାଁ ଥାନା ଅଞ୍ଚଳରେ ତିନି ଝିଅଙ୍କୁ ସେମାନଙ୍କ ବାପା ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ବାପା ଦୁଷ୍କର୍ମ କରିବା ସହ ପିଟୁଥିବା ସାମାଜିକ ଗଣମାଧ୍ୟମରେ କହିଛନ୍ତି । ବାପାଙ୍କ ଏଭଳି ନିର୍ଯାତନାକୁ ନିଜ ମା ମଧ୍ୟ ବିରୋଧ କରୁନାହାଁନ୍ତି । କିଛି ମାସ ପୂର୍ବରୁ ଏନେଇ ଗୋଷାଣୀମୂଆଗାଁ ଥାନାରେ ଅଭିଯୋଗ ପରେ ଅଭିଯୁକ୍ତ ବାପାଙ୍କୁ ପୁଲିସ ଗିରଫ କରିଥିଲା । ବର୍ତ୍ତମାନ ଜାମିନରେ ଆସି ପୁଣି ଦୁଇ ଭଉଣୀଙ୍କୁ ମାରପିଟ୍ କରୁଥିବା ଅଭିଯୋଗ ହୋଇଛି । ଏନେଇ ଦୁଇ ଭଉଣୀ ଗୋଷାଣୀମୂଆଗାଁ ଥାନାରେ ଅଭିଯୋଗ କଲେ କେହି ତାଙ୍କ ଅଭିଯୋଗ ଗ୍ରହଣ କରୁନଥିବା ନେଇ ସେମାନେ ଭିଡ଼ିଓରେ କହିଛନ୍ତି । ବାପାଙ୍କ ଏଭଳି ନିର୍ଯାତନା ଯୋଗୁଁ ବଡ଼ ଝିଅ ତିନି ତିନି ଥର ଆତ୍ମହତ୍ୟା ଉଦ୍ୟମ କରିସାରିଛନ୍ତି । ବର୍ତ୍ତମାନ ସାନ ଝିଅ ଉତ୍କଳ ବାଳାଶ୍ରମରେ ରହୁଥିବା ବେଳେ ଅନ୍ୟ ଦୁଇ ଝିଅ ନିଜ ଘରେ ରହୁଛନ୍ତିଛ ନ୍ୟାୟ ନମିଳିଲେ ଆତ୍ମହତ୍ୟା କରିବୁ ବୋଲି ଚେତାବନୀ ଦେଇଛନ୍ତି । ସୋସିଆଲ ମିଡ଼ିଆରେ ଭିଡ଼ିଓ ଭାଇରଲ ହେବା ପରେ ସ୍ୱଷ୍ଟୀକରଣ ରଖିଛି ବ୍ରହ୍ମପୁର ପୁଲିସ । ଟାଉନ ଏସଡିପିଓଙ୍କୁ ତଦନ୍ତ ତଦାରଖ କରିବାର ଦାୟିତ୍ୱ ଦିଆଯାଇଛ । ଏହା ଶୀଘ୍ର ସମାପ୍ତ ହେବ । ସେମାନଙ୍କ ସୁରକ୍ଷା, ପରାମର୍ଶ ଏବଂ ଆଇନଗତ ସହାୟତା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି । ପୀଡିତା ମାନଙ୍କୁ ଭୟଭୀତ କରିବା, ଧମକ ଦେବା କିମ୍ବା ଚାପ ପକାଇବା ପାଇଁ ଯେକୌଣସି ପ୍ରୟାସକୁ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ବ୍ରହ୍ମପୁର ଏସପି ଅଭିନବ ସୋନକର ସୂଚନା ଦେଇଛନ୍ତି ।

ବଳାତ୍କାରୀକୁ ୧୦ ବର୍ଷ ଜେଲ୍: ପୀଡ଼ିତାଙ୍କୁ ୫ ଲକ୍ଷ ସହାୟତା ଦେବାକୁ ନିର୍ଦ୍ଦେଶ

ବ୍ରହ୍ମପୁର, (ସବ୍ୟୁ): ଫାଷ୍ଟ ଟ୍ରାକ ପୋକ୍ସୋ ଜଜ୍ ରୋହି ଲାଲ ପଣ୍ଡା ଏକ ବଳାତ୍କାର ମାମଲାର ଶୁଣାଣି କରିଛନ୍ତି । ଅଭିଯୁକ୍ତ ଜଂଜନଗର ଥାନା ଅନ୍ତର୍ଗତ କୃଷ୍ଣ ଚନ୍ଦ୍ର ନାଇକକୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫୦ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡ ପାଇଁ ନିର୍ଦ୍ଦେଶ ଦେଇଥିବା ରାୟରେ ପ୍ରକାଶ କରିଛନ୍ତି ।

ସେହିପରି ପାଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରକାଶ ଯେ, ୨୦୨୩ ଜୁଲାଇ ୨୮ରେ ଜଣେ ୧୬ ବର୍ଷୀୟ ନାବାଳିକା ପାଣି ଧରି ଘରକୁ ଫେରୁଥିବା ବେଳେ ପଡ଼ିଶା ଘରେ ରହୁଥିବା କୃଷ୍ଣ ତାଙ୍କ ଘରକୁ ଡାକିଥିଲା । ସେଠାରେ ସେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା । ଏନେଇ ଜଣାଇଲେ ଜୀବନରୁ ମାରିବାକୁ ନାବାଳିକାଙ୍କୁ ଧମକ ଦେଇଥିଲେ । ପାଡ଼ିତା ଜଣଙ୍କ ଘରକୁ ଫେରି ବାପା ମାଙ୍କୁ କହିବା ସହ ଥାନାକୁ ଯାଇ ଏତଲା ଦେଇଥିଲେ । ପୁଲିସ ଏନେଇ ୬୪୭/୨୩ ରେ ଏକ ମାମଲା ରୁଜୁ କରିଥିଲା । ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମାମଲାର ବିଚାରଣ ବେଳେ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲା ।

ଉପକୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଜଜ୍ ଉପରକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡକଫର ଶିବ ପ୍

ଡିଷ୍ଟ୍ରିବ୍ୟୁଟରସିପ ଦେବା ନାଁରେ ୩୫ ଲକ୍ଷ ଟଙ୍କା ଠକେଇ

ଦିଲ୍ଲୀରୁ ଅଭିଯୁକ୍ତକୁ ଗିରଫ କଲା ନୂଆପଡ଼ା ପୋଲିସ

ନୂଆପଡ଼ା ,(ସବୁ୍ୟ): କୋକାକୋଲା କମ୍ପାନୀର ଡିଷ୍ଟ୍ରିବ୍ୟୁଟରସିପ ଏଜେନ୍ସି ଯୋଗାଇଦେବାର ପ୍ରଲୋଭନ ଦେଖାଇ ଜଣେ ସ୍ଥାନୀୟ ବ୍ୟକ୍ତିଙ୍କଠାରୁ ୩୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱର୍ ଠକେଇ କରିଥିବା ଅଭିଯୋଗରେ ଦିଲ୍ଲୀରୁ ଜଣେ ୩୨ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି ନୂଆପଡ଼ା ପୋଲିସ । ପୋଲିସର ଏକ ସ୍ୱତନ୍ତ୍ର ଟିମ ଦିଲ୍ଲୀରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ପୀତାମ୍ବର ନାୟକଙ୍କ ପୁଅ ଦିନେଶ ନାୟକ (୩୨) । ଏହି ଘଟଣାରେ ନୂଆପଡ଼ାର ମନୋଜ କୁମାର ପାଢ଼ୀଙ୍କ ପୁଅ ଅନୁଜ ପାଢ଼ୀ ନୂଆପଡ଼ା ଥାନାରେ ଅଭିଯୋଗ କରିଥିଲେ ।

ଅଭିଯୋଗ ଅନୁସାରେ, ଦିନେଶ ନାୟକ ଅନୁଜ ପାଢ଼ୀଙ୍କୁ ନୂଆପଡ଼ା ଅଞ୍ଚଳରେ କୋକାକୋଲା ଉତ୍ପାଦର ଅଫିସିଆଲ ଏଜେନ୍ସି ବା ଡିଷ୍ଟ୍ରିବ୍ୟୁଟରସିପ କରାଇଦେବାର ଆଶ୍ୱାସନ ଦେଇଥିଲେ । ତାଙ୍କ କଥାରେ ବିଶ୍ୱାସ କରି ଅନୁଜ ବିଭିନ୍ନ ପର୍ଯ୍ୟାୟରେ ୩୫ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ପ୍ରଦାନ କରିଥିଲେ । କିନ୍ତୁ ଟଙ୍କା ନେବା ପରେ ଅଭିଯୁକ୍ତ ଡିଷ୍ଟ୍ରିବ୍ୟୁଟରସିପ ଯୋଗାଇ ନଦେଇ ଫେରାର ହୋଇଯାଇଥିବା ଭାରତୀୟ ନ୍ୟାୟ ସଂହିତା (ବିଏନସ)ର ଧାରା ୨୯୬, ୩୧୮(୪), ୩୩୬(୨), ୩୩୬(୩), ୩୫୧(୪), ୩(୫) ଓ ୩୩୮ ଅନୁଯାୟୀ ମାମଲା ରୁଜୁ ହୋଇଛି । ଠକେଇ ଘଟଣା ପଛରେ ଅନ୍ୟ କୌଣସି ବ୍ୟକ୍ତି ବା ଗୋଷ୍ଠୀର ସମ୍ପୃକ୍ତି ରହିଛି କି ନାହିଁ ଏବଂ ଏହିପରି ଠକେଇର ଅନ୍ୟ କେହି ଶିକାର ହୋଇଛନ୍ତି କି ନାହିଁ, ସେ ଦିଗରେ ପୋଲିସର ତଦନ୍ତ ଜାରି ରହିଛି । ସଚେତନ ରୁହନ୍ତୁ, ଅଜଣା ବ୍ୟକ୍ତିଙ୍କ ଏଜେନ୍ସି ଓ ଡିଷ୍ଟ୍ରିବ୍ୟୁଟରସିପ ପ୍ରଲୋଭନରେ ଅର୍ଥ ନିବେଶ ପୂର୍ବରୁ କମ୍ପାନୀର ଅଧିକୃତ ମାଧ୍ୟମରେ ସତ୍ୟତା ଯାଞ୍ଚ କରନ୍ତୁ ।

ଜମି ବିବାଦରୁ ପଥର ଛେଚି ଚାଷୀଙ୍କୁ ହତ୍ୟା

ପଦ୍ମପୁର,(ସବୁ୍ୟ) : ଜମି ସୀମାରେ ଥିବା ଗଛ କାଟିବାକୁ ନେଇ ଦୀର୍ଘଦିନର ବିବାଦ ଶେଷରେ ନେଇଛି ରକ୍ତାକ୍ତ ରୂପ । ଧାନକ୍ଷେତରେ ଏକୁଟିଆ କାମ କରୁଥିବା ଜଣେ ଚାଷୀଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି । ଏହି ଘଟଣାରେ ଝାରବନ୍ଧ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡର ଘଟଣାକ୍ରମ ଜାଣିବା ପାଇଁ ତାଙ୍କୁ ଘଟଣାସ୍ଥଳକୁ ନେଇ ସିନ ରିକ୍ରିଏସନ କରିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଝାରବନ୍ଧ ଥାନା ଅନ୍ତର୍ଗତ ଡଭା ଗ୍ରାମର ରାମଲାଲ କଲେତ (୫୦) ଗତ ୫ ନଭେମ୍ବର ମଧ୍ୟାହ୍ନରେ ନିଜ ଧାନକ୍ଷେତକୁ ଯାଇଥିଲେ । ସେଠାରେ ସାଇକେଲ ରଖି ଏକୁଟିଆ ଧାନ ବାଣ୍ଡୁଥିବା ସମୟରେ ଅଭିଯୁକ୍ତ ଲକ୍ଷ୍ମଣ ସିଦାର (୬୨) ସେଠାରେ ପହଞ୍ଚି ଏକ ପଥରରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ରାମଲାଲ ତଳେ ପଡ଼ିଯିବା ପରେ ମଧ୍ୟ ଅଭିଯୁକ୍ତ ତାଙ୍କୁ ସେହି ପଥରରେ ପୁନର୍ବାର ଆଘାତ କରିଥିଲେ । ଫଳରେ ଘଟଣାସ୍ଥଳରେ ହିଁ ରାମଲାଲଙ୍କ ମୃତ୍ୟୁ ହୋଇଥିଲା । ମୃତ ରାମଲାଲ ଓ ଅଭିଯୁକ୍ତ ଲକ୍ଷ୍ମଣଙ୍କ ଚାଷଜମି ପାଖାପାଖି ରହିଥିବା ବେଳେ ଜମି ସୀମାରେ ଥିବା ଗଛ କାଟିବାକୁ ନେଇ ଉଭୟଙ୍କ ମଧ୍ୟରେ କିଛିଦିନ ଧରି ବିବାଦ ଲାଗି ରହିଥିଲା । ଏହାକୁ ନେଇ ପୂର୍ବରୁ ଅନେକଥର ଯୁକ୍ତିତର୍କ ହୋଇଥିବା ସହ ଲକ୍ଷ୍ମଣ ରାମଲାଲଙ୍କୁ ହତ୍ୟା ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଥିଲା । ଏହି ପୂର୍ବ ଶତ୍ରୁତାରୁ ହିଁ ହତ୍ୟାକାଣ୍ଡ ଘଟିଥିବା ପୁଲିସ ସନ୍ଦେହ କରୁଛି । ଏ ସମ୍ପର୍କରେ ମୃତକଙ୍କ ପତ୍ନୀ କାନ୍ତି କଲେତଙ୍କ ଅଭିଯୋଗକ୍ରମେ ଝାରବନ୍ଧ ଥାନାରେ କେସ ନଂ ୧୬୯/୨୦୨୬ରେ ମାମଲା ରୁଜୁ ହୋଇଥିଲା । ତଦନ୍ତ କାଳରେ ପୁଲିସ ନିତ୍ୟାନନ୍ଦପୁର ଦାବପଲିଆପଡ଼ାର ଲକ୍ଷ୍ମଣ ସିଦାରଙ୍କୁ ଗିରଫ କରିଛି । ଏଥିସହ ହତ୍ୟାରେ ବ୍ୟବହୃତ ୧ କିଲୋ ୫୮୨ ଗ୍ରାମ ଓଜନର ଏକ ଧଳା ପଥର ଜବତ କରିଛି । ହତ୍ୟାକାଣ୍ଡର ପୂରା ଘଟଣାକ୍ରମ ଯାଞ୍ଚ କରିବା ପାଇଁ ପୁଲିସ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସିନ ରିକ୍ରିଏସନ କରାଇଥିଲା । ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

କପିଲାଭଟାରେ ଗିରିଗୋବର୍ଦ୍ଧନ ମହୋତ୍ସବର ଦିତୀୟ ଦିବସ



ବଙ୍ଗୋମୁଣ୍ଡା,(ସବୁ୍ୟ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ଗାଁରେ ଗିରିଗୋବର୍ଦ୍ଧନ ମହୋତ୍ସବ କମିଟି,ମାଁ ସାହାଜି ଯୁବକ ସଂଘ ତଥା ଅଞ୍ଚଳବାସୀ ଙ୍କ ପକ୍ଷରୁ ଚାଲିଥିବା ଗିରିଗୋବର୍ଦ୍ଧନ ମହୋତ୍ସବ ଦିତୀୟ ଦିବସରେ ପହଞ୍ଚିଛି । ସଭାରେ ମହୋତ୍ସବ କମିଟି ର ସଭାପତି ଯୁବରାଜ ହଂସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଅଜିତ କୁମାର ଯୋଶୀ, ସମ୍ମାନୀୟ ଅତିଥି ବଙ୍ଗୋମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ର ସଭାପତି କୋଷରାଜ ବେହେରା, ସାମ୍ବାଦିକ ଦୀପକ ଯାଦବ, ସାମ୍ବାଦିକ ସୁଶାନ୍ତ ବେହେରା, ଝସକେତନ ସାହୁ,ମିତ୍ରଭାନୁ ବିଶି, ଗିରିଗୋବର୍ଦ୍ଧନ ମହୋତ୍ସବର ପୂର୍ବତନ ସଭାପତି ପାର୍ଥ ହଂସ, ୱାର୍ଡ ମେମ୍ବର ନିଲାବତୀ ହଂସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଏ । ସମ୍ପାଦକ ଅନନ୍ତରାମ ହଂସ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । କମିଟିର ସଂଯୋଜକ ସାମ୍ବାଦିକ ହୁଲେଶ୍ୱର ହଂସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

କଣ୍ଟାମାଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

କଣ୍ଟାମାଳ, (ସବୁ୍ୟ) : ଦୀର୍ଘ ଅଢ଼େଇ ବର୍ଷ ର ବ୍ୟବଧାନ ପରେ ଶୁକ୍ରବାର ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ଦମ ଦେଖାଇଛି ବିଜେଡି । ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ପଦଯାତ୍ରାରେ ହଜାର ହଜାର କର୍ମୀଙ୍କ ଯୋଗଦାନ ଓ ଉତ୍ସାହ କଣ୍ଟାମାଳ ରାଜନୀତିକୁ ବେସ ସରଗରମ କରିଛି । କଣ୍ଟାମାଳ ପୂର୍ବତନ ବିଧାୟକ ମହାଧର ରଣାଙ୍କ ନେତୃତ୍ୱରେ କଣ୍ଟାମାଳ ବ୍ଲକ ସଦର ଗିରି ଗୋବର୍ଦ୍ଧନ ପୀଠ ଠାରୁ ହଜାର ହଜାର ବିଜେଡି ମହିଳା ଓ ପୁରୁଷ କର୍ମୀ ନେତାଙ୍କ ଗହଣରେ ବିରାଟ ପଟୁଆର ରେ ତହସିଲ ଛକ, ବ୍ଲକ ଛକ ମେଡିକାଲ ଛକ, ହାଟପଦା ଛକ ପୁରୁଣା ବ୍ୟାଙ୍କ ଛକ ହୋଇ ବିଜୁ ପଟ୍ଟନାୟକ ଛକ ସ୍ଥିତ ସତସଙ୍ଗ ବିହାର ନିକଟରେ ଆୟୋଜିତ ସାଧାରଣ ସଭାରେ ପହଞ୍ଚିଥିଲା । ପଦଯାତ୍ରା ପରେ କଣ୍ଟାମାଳ ବ୍ଲକ ବିଜେଡି ସଭାପତି ରାଧାବଲ୍ଲଭ ପ୍ରଧାନ ଙ୍କ ସଂଯୋଜନାରେ ଅନୁଷ୍ଠିତ ବିରାଟ ସଭାରେ ବୌଦ୍ଧ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବାଚସ୍ପତି ପ୍ରଦୀପ ଅମାତ ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥିଭାବେ କଣ୍ଟାମାଳ ପୂର୍ବତନ ବିଧାୟକ ମହାଧର ରଣା, ସ୍ୱତନ୍ତ୍ର ଅତିଥିଭାବେ ବରଗଡ଼ ପୂର୍ବତନ ବିଧାୟକ ତଥା କଣ୍ଟାମାଳ ବିଜେଡି ପର୍ଯ୍ୟବେକ୍ଷକ ଦେବେଶ ଆଚାର୍ଯ୍ୟ, ଓ ପାଟଣାଗଡ଼ ପୂର୍ବତନ ବିଧାୟକ ସରୋଜ ମେହେର , କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ବ୍ଲକ କାର୍ଯ୍ୟକାରୀ ସଭାପତି ସାମନ୍ତ ମାଝୀ,ଜିଲ୍ଲା ଯୁବ ବିଜେଡି ସଭାପତି ବାବୁଲା ମଲ୍ଲିକ,ବ୍ଲକ ସରପଞ୍ଚ ସଂଘ ସଭାପତି ସାର୍ବୁଲ ନାଗ,ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, ଯୁବ ନେତା ଦାମୋଦର ମିଶ୍ର, ଆଦିବାସୀ ନେତା ପିତାମ୍ବର ଭୋଇ, ବୌଦ୍ଧ ବ୍ଲକ ସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ବାରିକ, ମମତା ପ୍ରଧାନ,ଲିଙ୍ଗ ଜଗଦଲା ସମେତ ମଂଚାସୀନ ଅନ୍ୟ ବିଜେଡି



ନେତୃବୃନ୍ଦ ରାଜ୍ୟରେ ବିଜେପି ସରକାର ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେଡି ଶାସନ ସମୟରେ ହୋଇଥିବା ବିକାଶ ମୂଳକ ଯୋଜନାର ପ୍ରଶଂସା କରିଥିବା ବେଳେ ବିଜେପିର ଡବଲ ଇଞ୍ଜିନ ସରକାର ର ବିଭିନ୍ନ ବିଫଳତା ସମ୍ପର୍କରେ ବକ୍ତବ୍ୟ ରଖି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇ ନିର୍ବାଚନ ଜିତିଥିବା ଅଭିଯୋଗ କରି ବିଜେପି ସରକାରର କାର୍ଯ୍ୟକୁ ତୀବ୍ର ସମାଲୋଚନା କରିଥିଲେ । ବିଜେଡି ଯୁବ ନେତା ପ୍ରେମରାଜ ରଣା ଅତିଥି ପରିଚୟ ଓ ବିପିନ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ତାଲିମ ଶିବିର

ବେ।ରି।ଗୁ।ମ୍ପା।, (ସବୁ୍ୟ) : ବୋରିଗୁମ୍ପା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଅନ୍ତର୍ଭୁକ୍ତ ଦ୍ୱିଦିବସୀୟ ଶିକ୍ଷକ/ଶିକ୍ଷୟିତ୍ରୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିବସରେ ୩ଟି ଶିବିରରେ ୯ଟି କ୍ଲଷ୍ଟରର ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଦିତୀୟ ଦିବସରେ ୩ ଟି ଶିବିରରେ ୮ଟି କ୍ଲଷ୍ଟରର ଶିକ୍ଷକ/ଶିକ୍ଷୟିତ୍ରୀମାନେ ତାଲିମ ଗ୍ରହଣ କରିଥିଲେ । ମାଣିକେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, କାମତା ଠାରେ ନାରୀଗାଁ, କାମତା, ରେଙ୍ଗାଲଗୁଡ଼ା, ଓଡିଶା ଆଦର୍ଶ ବିଦ୍ୟାଳୟ,ତାରାଭଙ୍ଗା ଠାରେ କାଠରଗଡା, କୁମୁଲି, କେନ୍ଦୁଗୁଡା, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାଘଭଦ୍ରା ଠାରେ ବିଙ୍ଗିପୁର, ବେଣାଗାଁ, ସର୍ଗିଗୁଡା ଏବଂ ବୋରିଗୁମ୍ପା ଉଚ୍ଚ ବିଦ୍ୟାଳୟର ତିନୋଟି ଶିବିରରେ ଚାଲାନଗୁଡା, କାମରା, ନୂଆଗାଁ, ମହୁଲି, ବିଜାପୁର, ବୋରିଗୁମ୍ପା, ଓ ଟିକାବାଲିଗୁଡା ଇତ୍ୟାଦି ଏହିଭଳି ମୋଟ ୧୭ଟି କ୍ଲଷ୍ଟରର ୩୮୦ ଜଣ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀ ଓ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ତାଲିମ ଶିବିରରେ ଯୋଗଦାନ କରିଥିଲେ । ଜିଲ୍ଲା ମୁଖ୍ୟାଳୟ ଚିକିତ୍ସାଳୟରୁ ଚକ୍ଷୁ ବିଶେଷଜ୍ଞ ଡଃ ମୁକ୍ତିକାନ୍ତ ଜେନା ପ୍ରଥମ ଦିବସରେ ଏବଂ ଡଃ ପି କେ ବେବର୍ତ୍ତା ଦ୍ୱିତୀୟ ଦିବସରେ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ଚକ୍ଷୁ ପରୀକ୍ଷଣ ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ । ବିଦ୍ୟାଳୟସ୍ତରରେ କିଭଳି ସୁଚାରୁ ରୂପେ ଛାତ୍ରଛାତ୍ରୀ ମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇ କୋମଳମତି ଶିକ୍ଷାର୍ଥୀମାନଙ୍କର ଚକ୍ଷୁଜନିତ ସମସ୍ୟା ସମାଧାନ ପାଇଁ ଯଥୋଚିତ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା ।

ମହିଳା ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳିତ

ସମ୍ବଲପୁର, (ସବୁ୍ୟ): ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ତରଫରୁ ମୌଲାନା ଆବୁଲ କାଲାମ ଆଜାଦ ଜୟନ୍ତୀ ଅବସରରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଫେସର ଉମାଶଙ୍କର ଦାଶ ଯୋଗ ଦେଇ ସମ୍ପ୍ରତି ଆନୁଷ୍ଠାନିକ ଶିକ୍ଷା ଅପେକ୍ଷା ଅଣଆନୁଷ୍ଠାନିକ ତଥା ଦକ୍ଷତା ବିକାଶ ଶିକ୍ଷାର ମହତ୍ୱ ଅଧିକ ବୋଲି ମତବ୍ୟକ୍ତ କରିବା ସହ ବିଦ୍ୟାର ଉଦ୍ଦେଶ୍ୟ, ପ୍ରକାରଭେଦ, ବିକଶିତ ଭାରତ ପାଇଁ ଶିକ୍ଷାର ଭୂମିକା ଇତ୍ୟାଦି ଉପରେ ଆଲୋକପାତ କରିଥିଲେ । ବିଭାଗ ପକ୍ଷରୁ ଖୁସବୁ ମେହେର ଯୋଗ ଦେଇ ଯୁବ ସମାଜର କର୍ତ୍ତବ୍ୟ ଓ ଆହ୍ୱାନ ସମ୍ପର୍କରେ ଶିକ୍ଷାର ଆବଶ୍ୟକତା ଏବଂ ଭୂମିକା କେତେ ସୁନିର୍ଦ୍ଦିଷ୍ଟ ତାହା ପ୍ରକାଶ କରିଥିଲେ । ବିଭାଗର ଭାରପ୍ରାପ୍ତ ମୁଖ୍ୟ ତଥା କଲେଜର ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ବିଭାଗୀୟ ଛାତ୍ରୀ ଶୋଭନା ସାହୁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ



ସଂସ୍କୃତ ସମ୍ଭାଷଣ ଶିବିର

ସଂସ୍କୃତ ଭାଷାର ଐତିହ୍ୟ ଉପରେ ଆଲୋଚନା

ଖପ୍ରାଖୋଲ,(ସବୁ୍ୟ): ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଅଖିଳ ଭାରତ ଅମୃତ ବାଣୀ ସେବା ପ୍ରତିଷ୍ଠାନ ପକ୍ଷରୁ ସଂସ୍କୃତ ସମ୍ଭାଷଣ ଶିବିର ବୁଧବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ସମାରୋହ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ଯୋଗଦେଇ ସଂସ୍କୃତ ଭାଷାର ଐତିହାସିକ ଗୁରୁତ୍ୱ ଓ ଭାରତୀୟ ସଂସ୍କୃତିରେ ଏହାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ରୂପେ ପଦ୍ମ କୁମାର ସିଂ ବରିହା, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ଲାଠୋର ଥାନା ଅଧିକାରୀ ଅଭିନାଶ ପଧାନ, ଜିଲ୍ଲା ସଂଯୋଜକ ନବକିଶୋର ନନ୍ଦ, ପ୍ରଧାନଶିକ୍ଷକ ସୁଶାନ୍ତ ଦାସ ଯୋଗଦେଇ ଭାଷା, ସଂସ୍କୃତି, ଶଙ୍ଖଳା ଓ ନୈତିକ ଶିକ୍ଷାର ଗୁରୁତ୍ୱ ଉପରେ ମତ ରଖିଥିଲେ । ଏହି ଅବସରରେ ପ୍ରତିଷ୍ଠାନର ମହାସଚିବ ଜୟପ୍ରକାଶ ଶାସ୍ତ୍ରୀ ଅତିଥି ପରିଚୟ ପ୍ରଦାନ ସହ ଶିବିରର ଉଦ୍ଦେଶ୍ୟ ବିଷୟରେ କହିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିସହ ବିଦ୍ୟାଳୟର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଗାମୀ ରୌପ୍ୟ ଜୟନ୍ତୀ ସମାରୋହର ପାଇଁ ଲୋଗୋ ଉନ୍ମୋଚନ କରାଯାଇଥିଲା ।



ବୌଦ୍ଧ ଜିଲ୍ଲା ପରିଷଦ ବୈଠକ

ବୌଦ୍ଧ,(ସବୁ୍ୟ) : ବୌଦ୍ଧ ଜିଲ୍ଲା ପରିଷଦ କାର୍ଯ୍ୟାଳୟସ୍ଥିତ ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ୨୦୨୬-୨୭ ଆର୍ଥିକ ବର୍ଷର ଦ୍ୱିତୀୟ ବୈଠକ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସଙ୍କ ସଭାପତିତ୍ୱରେ ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବୌଦ୍ଧ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏବଂ କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ଯୋଗଦେଇ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହିତ ସାମୂହିକ ବିକାଶ ପାଇଁ ସମସ୍ତେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ବୈଠକରେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡମ୍ବରୁଧର କହଁର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲ୍ଲାର ତିନୋଟି ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲ୍ଲା ପରିଷଦର ସମସ୍ତ ସଭ୍ୟ/ସଭ୍ୟା, ଏ ପି ଡି ଯଦୁମଣି ନାୟକ,ସମସ୍ତ ବିଡିଓ, ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଜିଲ୍ଲାର ସାମଗ୍ରିକ ବିକାଶ ଦିଗରେ ଜିଲ୍ଲା ପରିଷଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଦାସ ସମସ୍ତ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନ ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତି, ବିଭାଗୀୟ ସମନ୍ୱୟ, ନିୟମିତ ସମୀକ୍ଷା ଓ ଉତ୍ତରଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଶ୍ରୀ ନାୟକ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ନିଜ ନିଜ ବିଭାଗର ପ୍ରଗତି ବିବରଣୀ ଉପସ୍ଥାପନ କରିବାକୁ ଅନୁରୋଧ କରିଥିଲେ । ବୈଠକରେ ପ୍ରଥମେ ପୂର୍ବ ଜିଲ୍ଲା ପରିଷଦ ବୈଠକରେ ଗୃହୀତ ନିଷ୍ପତ୍ତି ଓ ଦିଆଯାଇଥିବା ନିର୍ଦ୍ଦେଶର ଅନୁପାଳନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ପୂର୍ବ ବୈଠକର ବିବରଣୀ ସମସ୍ତ ବିଭାଗକୁ ଠିକ ସମୟରେ ପ୍ରେରଣ, ନିର୍ଦ୍ଧାରିତ ସମୟ ମଧ୍ୟରେ ଅନୁପାଳ

ରେଳପଥ ଜମି ଅଧିଗ୍ରହଣ କ୍ଷତିପୂରଣ ବୃଦ୍ଧି ମାମଲା : ଜମିହରା ଚାଷୀଙ୍କ ଦାବିପତ୍ର



କୋକସରା,(ସବୁ୍ୟ): ଜୁନାଗଡ଼ - ନବରଙ୍ଗପୁର ନୂତନ ବ୍ରୋଡ୍‌ଗଜ ରେଳପଥ ପ୍ରକଳ୍ପକୁ ନେଇ ଜମି ଅଧିଗ୍ରହଣ ପ୍ରକ୍ରିୟା ମଧ୍ୟରେ ନ୍ୟାୟୋଚିତ ଓ ଉଚିତ କ୍ଷତିପୂରଣ ଦାବି ଜୋର ଧରିଛି । ବିକାଶର ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଥିବା ଏହି ରେଳପଥ ପ୍ରକଳ୍ପ ପାଇଁ କୋକସରା ବ୍ଲକର ୭୦୦ ରୁ ଊର୍ଦ୍ଧ୍ୱର୍ ଚାଷୀଙ୍କ ୩୩୦ ଏକରରୁ ଅଧିକ ଜମି ଅଧିଗ୍ରହଣ ନିମନ୍ତେ ଚିହ୍ନଟ ହୋଇଥିବାରୁ ପ୍ରଭାବିତ କୃଷକଙ୍କ ମଧ୍ୟରେ ଉଚିତ କ୍ଷତିପୂରଣକୁ ନେଇ ଚିନ୍ତା ବଢ଼ିଛି ।

ଏହି ପରିପ୍ରେକ୍ଷୀରେ କୋକସରା ବ୍ଲକର ପ୍ରାୟ ୨୦୦ ଜଣ ଜମିହରା କୃଷକ ଏକଜୁଟ ହୋଇ ବୁଧବାର ଭବାନୀପାଟଣା ଟାଉନ ହଲ ଠାରେ ଆୟୋଜିତ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଏବଂ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କୁ ମଧ୍ୟ ଦାବିପତ୍ରର ନକଲ ପ୍ରଦାନ କରିଥିଲେ ।

ସୂଚନା ମତେ କୋକସରା ତହସିଲ ଅନ୍ତର୍ଗତ କୋକସରା, ପାଣିଗାଁ, ରେଙ୍ଗାଲପାଲି, କଛାରପଦର, ଡୋଙ୍ଗରିଗୁଡ଼ା, କୁସୁମଖୁଣ୍ଟି, ମୋଟେର, ମାଝୀଗୁଡ଼ା, ବଙ୍ଗୋମୁଣ୍ଡା, କର୍ଲାଗୁଡ଼ା, ବୋବରିଆ, ଡେଙ୍ଗାଗୁଡା, ବଡ଼କେନ୍ଦୁଗୁଡ଼ା, ବଡ଼ପୋଡ଼ାଗୁଡ଼ା ଆଦି ଗ୍ରାମର ଜମି ଏହି ରେଳପଥ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଛି । ଏହି ଜମିଗୁଡ଼ିକ ମଧ୍ୟରୁ ଅଧିକାଂଶ ଉର୍ବର ଓ ଖରିଫ ଓ ରବି ଜଳସେଚିତ ଦୁଇଫସଲ କୃଷିଜମି ଅଟେ । ଏହା ଉପରେ ଶହ ଶହ କୃଷକ ପରିବାରଙ୍କ ଜୀବନ ଜୀବିକା ନିର୍ଭର କରୁଥିବାରୁ ଜମି ହରାଇବା ପରେ ସେମାନଙ୍କ ଆର୍ଥିକ ସ୍ଥିତି ଓ ଭବିଷ୍ୟତକୁ ନେଇ ଆଶଙ୍କା ଦେଖାଦେଇଛି । ଦାବିପତ୍ରରେ କୃଷକମାନେ ଉଲ୍ଲେଖ କରିଛନ୍ତି ଯେ, କେବଳ ସରକାରୀ ନିର୍ଦ୍ଧାରିତ ମୂଲ୍ୟ ଆଧାରରେ ଜମିର କ୍ଷତିପୂରଣ ଦେବା ପରିବର୍ତ୍ତେ ବାସ୍ତବ ବଜାର ମୂଲ୍ୟ, ଜମିର ଉର୍ବରତା, ଜଳସେଚନ ସୁବିଧା, ବାର୍ଷିକ ଫସଲ ଉତ୍ପାଦନ ଓ ଭବିଷ୍ୟତ ଆୟର କ୍ଷତିକୁ ମଧ୍ୟ ବିଚାରକୁ ନିଆଯାଉ ।

ବିଶେଷକରି ଦୁଇଫସଲି ଜମିକୁ ଅନ୍ୟ ସାଧାରଣ ଜମି ସହ ସମାନ ଭାବେ ମୂଲ୍ୟାୟନ ନକରି ଜମିର ପ୍ରକୃତ ଆର୍ଥିକ ଓ କୃଷିଭିତ୍ତିକ ଗୁରୁତ୍ୱ ଅନୁସାରେ କ୍ଷତିପୂରଣ ନିର୍ଦ୍ଧାରଣ କରାଯାଉ । କୃଷକମାନେ ସ୍ପଷ୍ଟ କରିଛନ୍ତି ଯେ, ସେମାନେ ରେଳପଥ ନିର୍ମାଣ କିମ୍ବା ଅଞ୍ଚଳର ବିକାଶକୁ ବିରୋଧ କରୁନାହାନ୍ତି, ବିକାଶର ଏହି ପ୍ରକ୍ରିୟାରେ ଜମି ହରାଉଥିବା କୃଷକ ପରିବାରଙ୍କ ଜୀବିକା, ଆର୍ଥିକ ସୁରକ୍ଷା ଓ ଭବିଷ୍ୟତକୁ ଅଣଦେଖା ନକରି ନ୍ୟାୟସଙ୍ଗତ କ୍ଷତିପୂରଣ ଦିଆଯାଉ । ରେଳପଥ ନିର୍ମାଣ ଦ୍ୱାରା ଅଞ୍ଚଳର ଯୋଗାଯୋଗ ଓ ଅର୍ଥନୈତିକ ବିକାଶର ସମ୍ଭାବନା ବଢ଼ିବା ସହିତ ଜମିଦାତା କୃଷକଙ୍କ ସ୍ୱାର୍ଥ ମଧ୍ୟ ସୁରକ୍ଷିତ ରହିବା ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରଓ୍ୱାଲ, ଲିଙ୍ଗରାଜ ବେହେରା, ଲକ୍ଷ୍ମୀ ନାରାୟଣ ପ୍ରଧାନୀ, ଅଜିତ କୁମାର ପଟ୍ଟନାୟକ, ଅନୀଲ ପ୍ରଧାନୀ, ପୁରୁଷୋତ୍ତମ ନାଏକ ସମେତ କୋକସରା ବ୍ଲକ ଅଞ୍ଚଳର ରେଳ ଲାଇନ ପାଇଁ ଜମି ହରାଉଥିବା ଶତାଧିକ ଚାଷୀମାନେ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ, ଯୁବକ ଗିରଫ

ଜମନକିରା,(ସବୁ୍ୟ) : ଜମନକିରା ଥାନା ଅନ୍ତର୍ଗତ ଚକୁଲିଆବାହାଲ ଗ୍ରାମରେ ଜଣେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ଓ ପରବର୍ତ୍ତୀ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଉକ୍ତ ଗ୍ରାମର ସ୍ୱର୍ଗତ ବୁଧୁରାମ ଖର୍ସେଲଙ୍କ ପୁଅ ଦୁଷ୍ମନ୍ତ ଖର୍ସେଲ (୩୨) ।

ଗତ ଅକ୍ଟୋବର ୨୫ ତାରିଖରେ କୌଣସି କାରଣରୁ ଅଭିଯୁକ୍ତ ଦୁଷ୍ମନ୍ତ ଖର୍ସେଲ ଗ୍ରାମର ବଳରାମ ଖର୍ସେଲ (୭୨)ଙ୍କୁ ମରଣାନ୍ତକ ଆକ୍ରମଣ କରି ଗୁରୁତର ଆହତ କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ଗତ ୮ ତାରିଖ ଦିନ ବଳରାମ ଆଖି ବୁଜିଥିଲେ । ଏହି ଘଟଣା ନେଇ ଜମନକିରା ଥାନାରେ ପୂର୍ବରୁ ଗତ ତା.୩.୧୧.୨୦୨୬ ରିଖରେ କେସ ନଂ. ୧୮୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା । ବଳରାମଙ୍କ ମୃତ୍ୟୁ ପରେ ପୁଲିସ ଉକ୍ତ ମାମଲାକୁ ହତ୍ୟା ମାମଲାରେ ପରିଣତ କରିଥିଲା । ଆଜି ପୁଲିସ ଅଭିଯୁକ୍ତ ଦୁଷ୍ମନ୍ତଙ୍କୁ ବିଏନଏସ (ଇକ୍ତର୍ଗ)ର ଧାରା ୧୨୬(୨), ୧୧୭(୨), ୧୦୯(୧) ଏବଂ ୧୦୩(୧) ଅନୁଯାୟୀ ଗିରଫ କରିବା ପରେ ଡାକ୍ତରୀ ମାଇନା କରାଇ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

୨୮ ଭିନ୍ନକ୍ଷମଙ୍କୁ ଭତ୍ତା କାର୍ଡ ପ୍ରଦାନ

କଲମପୁର,(ସବୁ୍ୟ): କଲମପୁର ବ୍ଲକ ପଣ୍ଡିଗାଁ ଠାରେ ଆୟୋଜିତ ଦିତୀୟ ପର୍ଯ୍ୟାୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅଞ୍ଚଳର ନୂଆ ୨୮ ଜଣ ଭିନ୍ନକ୍ଷମଙ୍କ ପରୀକ୍ଷା କରାଯାଇ ଭତ୍ତା ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗଙ୍କ ଏହି ଯୋଜନା ବଳରେ ଶିବିର ମାଧ୍ୟମରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଡାକ୍ତରଙ୍କ ସୁପାରିସ ଅନୁସାରେ ଚିହ୍ନଟ କରାଯାଇ ମାସିକ ସହାୟତା ପ୍ରଦାନର ପଦକ୍ଷେପ ନିଆଯାଉଛି । ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗୀଙ୍କ ଉପସ୍ଥିତରେ ଉପାଧକ୍ଷ ଚିନ୍ତାମଣି ବେହେରା, ସାଂସଦ ପ୍ରତିନିଧି, ସରପଞ୍ଚ, ସମିତି ସଭ୍ୟା, ସମେତ ଅଧିକାରୀ ମାନେ ଏହି ଶିବିରରେ ଯୋଗଦେଇଥିଲେ । ବିଶେଷଜ୍ଞ ଡାକ୍ତର ଆବେଦନ କରିଥିବା ଭିନ୍ନକ୍ଷମ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବାବେଳେ ବିପିଏମ ରିଜିଆନୁସ ଏକ୍କା ଶିବିରର ପରିଚାଳନା କରିଥିଲେ ।

ଝାରସୁଗୁଡ଼ାରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାର ସମୀକ୍ଷା

ଝାରସୁଗୁଡ଼ା,(ସବୁ୍ୟ): ଝାରସୁଗୁଡ଼ା ସହରକୁ ସ୍ୱଚ୍ଛ, ସୁନ୍ଦର ତଥା ସବୁଜିମାମୟ କରି ଗଢ଼ିତୋଳିବା ଏବଂ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲା ପରିଷଦର ସିଡିଓ ତଥା ଇଓ ବିଶ୍ୱ ରଞ୍ଜନ ନାୟକ ଏବଂ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଥମ ପର୍ଯ୍ୟାୟରେ, ଝାରସୁଗୁଡ଼ାର ବିଭିନ୍ନ କ୍ଲବ, ସେଚ୍ଛାସେବୀ ଅନୁଷ୍ଠାନ ଏବଂ ସାମାଜିକ ସଂଗଠନର କର୍ମକର୍ତ୍ତାମାନଙ୍କୁ ନେଇ ଏକ ସାମୂହିକ ସ୍ୱଚ୍ଛତା ଅଭିଯାନ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସହରର ପରିମଳ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ନିୟମିତ ବର୍ଜ୍ୟବସ୍ତୁ ପରିଚାଳନା ତଥା ସାମୂହିକ ସଫେଇ କାର୍ଯ୍ୟକ୍ରମକୁ ଫଳପ୍ରଦ ଭାବେ ରୂପାୟନ କରିବା ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଥିଲା । ବିଧାୟକ ଶ୍ରୀ ତ୍ରିପାଠୀ ମତବ୍ୟକ୍ତ କରିଥିଲେ ଯେ ଏକ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ଝାରସୁଗୁଡ଼ା ଗଠନ କରିବା କେବଳ ପ୍ରଶାସନର ଏକାକୀ ଦାୟିତ୍ୱ ନୁହେଁ, ବରଂ ଏଥିରେ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ସହଭାଗିତା ଏକାନ୍ତ ଆବଶ୍ୟକ । ସହରର ସାମାଜିକ ସଂଗଠନ ଓ ଜନସାଧାରଣ ଆଗେଇ ଆସି ଏହି ଅଭିଯାନରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ । ଏଥିସହ କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ "ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା' ସମେତ ବିଦ୍ୟୁତ ଯୋଗାଣ ଓ ଶକ୍ତି କ୍ଷେତ୍ରର ଅଗ୍ରଗତି ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରାଯାଇଥିଲା । ସହର ତଥା ଗ୍ରାମାଞ୍ଚଳରେ ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତି ସେବା ଯୋଗାଇଦେବା, ସୌର ଶକ୍ତିର ବ୍ୟବହାର ବୃଦ୍ଧି କରିବା ଏବଂ ବିଜୁଳି ବିଲ ହ୍ରାସ କରିବା ଦିଗରେ ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିସହ ସରକାରୀ ଯୋଜନାର ସୁଫଳ ଯେପରି ସମାଜର ଶେଷ ସ୍ତରରେ ଥିବା ହିତାଧିକାରୀଙ୍କ ପାଖରେ ସଠିକ ଓ ସମୟୋଚିତ ଭାବେ ପହଞ୍ଚିପାରିବ, ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

ଅବକାରୀ ଚଢ଼ାଉ, ୧୧ ଗିରଫ ୫୮.୭୦ ଲକ୍ଷର ସାମଗ୍ରୀ ଜବତ

ମାଲକାନଗିରି,(ସବୁ୍ୟ): ଜିଲ୍ଲାରେ ବେଆଇନ ମଦ ପ୍ରସ୍ତୁତି, ଚୋରା ମଦ କାରବାର ଓ ନିଶାଦ୍ରବ୍ୟ ଚାଲାଣ ବିରୋଧରେ ଅବକାରୀ ବିଭାଗର ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ । ମାସକ ଧରି ଚାଲିଥିବା ସଓ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଅଭିଯାନରେ ୧୩୯ଟି ମାମଲା ରୁଜୁ ସହ ୧୧ ଜଣଙ୍କୁ ଗିରଫ କରାଯାଇଛି । ଏହି ସମୟରେ ବିପୁଳ ପରିମାଣର ମଦ, ଗଞ୍ଜେଇ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି । ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୫୮.୭୦ ଲକ୍ଷ ଟଙ୍କା । ଅବକାରୀ ଆୟୁକ୍ତ, କଟକଙ୍କ ନିର୍ଦ୍ଦେଶକ୍ରମେ ଏବଂ ଜିଲ୍ଲା ଅବକାରୀ ଅଧୀକ୍ଷକ ବିମ୍ବାଧର ପଣ୍ଡାଙ୍କ ତ‰ାବଧାନରେ ଅକେଟାବର ୧୦ରୁ ନଭେମ୍ବର ୧୦ ପର୍ଯ୍ୟନ୍ତ ଏହି ସଓ୍ୱତନ୍ତ୍ର ଅଭିଯାନ ଚାଲିଥିଲା । ଜିଲ୍ଲାର ବିଭିନ୍ନ ଅବକାରୀ ଥାନା ଓ ଏନଫୋର୍ସମେଣ୍ଟୟୁନିଟର ମିଳିତ ଉଦ୍ୟମରେ ବିଭିନ୍ନ ସ୍ଥାନରେ ଚଢ଼ାଉ ଓ ଧରପଗଡ଼ କରାଯାଇଥିଲା । ଅଭିଯାନରେ ମୋଟ ୧୩୯ଟି ମାମଲା ମଧ୍ୟରୁ ୩ଟି ଏନ୍‌ଡିପିଏସ ମାମଲା ରହିଛି ।



୧୧ ଅଭିଯୁକ୍ତଙ୍କୁ ଗିରଫ କରି ଅଦାଲତକୁ ପଠାଯାଇଥିବା ବେଳେ ୭୮ ଜଣଙ୍କୁ ବିଏନଏସଏସ ଧାରା ୩୫(୩) ଅନୁଯାୟୀ ନୋଟିସ ଜାରି କରାଯାଇଛି । ଚଢ଼ାଉ ସମୟରେ ୭୪,୮୨୦ କିଲୋଗ୍ରାମ ଫରମେଣ୍ଟେସନ ମାଶ, ୬,୪୨୯ ଲିଟର ଦେଶୀ ମଦ, ୩୧ କିଲୋଗ୍ରାମ ଗଞ୍ଜେଇ, ୬୧ ଲିଟର ବିୟର ଓ ୨୧ ଲିଟର ବିଦେଶୀ ମଦ ଜବତ ହୋଇଛି । ଏଥିସହ ୮ଟି ଯାନବାହନ ମଧ୍ୟ ଜବତ କରାଯାଇଛି । କେବଳ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪.୨୫ ଲକ୍ଷ ଟଙ୍କା ହୋଇଥିବା ବେଳେ ଅନ୍ୟ ଜବତ ସାମଗ୍ରୀର ମୂଲ୍ୟ ୫୪.୪୫ ଲକ୍ଷ ଟଙ୍କା । ବେଆଇନ ନିଶା କାରବାରକୁ ମୂଳପୋଛ କରିବା ଲକ୍ଷ୍ୟରେ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉକୁ ଆହୁରି ଜୋରଦାର କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି । ଏଥିସହ ବେଆଇନ ନିଶା କାରବାର ସମ୍ପର୍କରେ ସୂଚନା ଦେଇ ନିଶାମୁକ୍ତ ସମାଜ ଗଠନରେ ସହଯୋଗ କରିବାକୁ ଜନସାଧାରଣଙ୍କୁ ଅପିଲ କରାଯାଇଛି ।

ଗୋଇମୁଣ୍ଡରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଚୌପାଳ କାର୍ଯ୍ୟକ୍ରମ

ମୁରିବାହାଲ,(ସବୁ୍ୟ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ପଞ୍ଚାୟତ ସଦର ମହକୁମାଠାରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଚୌପାଳ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ କମିଟି ସଭାପତି ଗିରିଧାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରଦେଶ କଂଗ୍ରେସ ସଂଗଠନ ଉପସଭାପତି ତଥା କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଭୋଟରଙ୍କ ମତଦାନ ଅଧିକାରର ସୁରକ୍ଷା ଓ ଗଣତନ୍ତ୍ରରେ ପ୍ରତ୍ୟେକ ଭୋଟରଙ୍କ ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଏସଆଇଆର ପ୍ରକ୍ରିୟାରେ ଭୋଟର ତାଲିକାରୁ ନାମ ବାଦ ପଡିବାରେ ମୁଖ୍ୟ ନିର୍ବାଚନ କମିଶନରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ ।

କାର୍ଯ୍ୟକ୍ରମରେ ଏସସି ସେଲ ବ୍ଲକ ସଭାପତି ତଥା ଡିସିସି ସମ୍ପାଦକ ବିଭିଷଣ ମହାନନ୍ଦ, ଯଦୁପତି ଅଗସ୍ତି,ବ୍ଲକ କିଶାନ ସେଲ ସଭାପତି ପୂର୍ଣ୍ଣ ମାଝୀ,ଲଖନା ସମିତି ସଭ୍ୟ ଭୀମସେନ ବାଗ, ମହେନ୍ଦ୍ର ସାହୁ, ପଦ୍ମ ସରାଫ,ବୁଲୁ କୁମ୍ଭାର,ସତ୍ୟପତି ନାଗ, ଅଶୋକ ନାଗ,ପବିତ୍ର ହରପାଲ,ଗୁରମେଲ ସିଂ ଭାଟିଆ,ସୁବାସ ବୟେ,ମୋହନ ସାହୁ,ରେଣୁ ବେନିଆ,ବୁଲୁ ବହିଦାର,କୃଷ୍ଣ ମାଝୀ, କୁଶ ସରାଫଙ୍କ ସହ ଦଳିୟ କର୍ମୀ ଓ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ ।

ରେଙ୍ଗାଲି ଷ୍ଟେସନରେ ମିଳିତ ବିପର୍ଯ୍ୟୟ ପରିଚାଳନା

ସମ୍ବଲପୁର,(ସବୁ୍ୟ) : ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ରେଙ୍ଗାଲି ରେଳ ଷ୍ଟେସନରେ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ଅଭ୍ୟାସ ସ୍ଥଳ ପରିଦର୍ଶନ କରି ଦଳଗୁଡ଼ିକ ସହ ଆଲୋଚନା କରିଥିଲେ । ଏଭଳି ମିଳିତ ଅଭ୍ୟାସ ରେଳବାଇ ଓ ବିପର୍ଯ୍ୟୟ ମୁକାବିଲା ସଂସ୍ଥା ମଧ୍ୟରେ ସମନ୍ୱୟକୁ ମଜବୁତ କରିବ ବୋଲି କହିଥିଲେ । ଏଥିରେ ମୁଣ୍ଡଳୀସ୍ଥିତ ଏନଡିଆରଏଫ, ଓଡ୍ରାଫ, ସ୍ଥାନୀୟ ପ୍ରଶାସନ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ବିଭାଗ, ରେଳବାଇ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ସେଓ୍ୱଚ୍ଛାସେବୀ ସଂଗଠନ ଓ ରେଳବାଇର ବିଭିନ୍ନ ବିଭାଗ ଅଂଶଗ୍ରହଣ କରିଥିଲେ । ଅଭ୍ୟାସ ସମୟରେ ଆଧୁନିକ ଉଦ୍ଧାର ଉପକରଣ ବ୍ୟବହାର କରି ରେଳ କୋଚ୍ ଧାତବ ଗଠନକୁ କାଟି ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରାଜାଇଥିଲା । ଅଗ୍ନି ନିର୍ବାପନ ଓ ଆହତ ଯାତ୍ରୀଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସ୍ଥାନାନ୍ତର ଭଳି କାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା । ଶେଷରେ ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ଲିଙ୍ଗରାଜ ଗଡ଼ତିଆ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଏନଜିଟି ମାମଲା ପ୍ରତ୍ୟାହାର ପାଇଁ ଆବେଦନକାରୀଙ୍କୁ ଅନୁରୋଧ

ଆଲୋଚନା ବିଫଳ ହେଲେ, ୧୩ରେ ଜନସଭା

ପଦ୍ମପୁର,(ସବୁ୍ୟ) : ପଦ୍ମପୁରର ବହୁ ପ୍ରତୀକ୍ଷିତ ଅଟଳ ବସଷ୍ଟାଣ୍ଡ ନିର୍ମାଣକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ଦୂର ହେବାର ନାଁ ଧରୁନାହିଁ । ବସଷ୍ଟାଣ୍ଡ ନିର୍ମାଣକୁ ନେଇ ଏନଜିଟିରେ ଚାଲିଥିବା ମାମଲା ପ୍ରତ୍ୟାହାର କରି ଅଞ୍ଚଳର ବୃହତ୍ତର ସ୍ୱାର୍ଥରେ ନିର୍ମାଣ କାର୍ଯ୍ୟକୁ ସହଯୋଗ କରିବାକୁ ଆବେଦନକାରୀଙ୍କୁ ଅନୁରୋଧ କରାଯାଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ନରେ ସ୍ଥାନୀୟଟ୍ୟାକ୍ସି ଷ୍ଟାଣ୍ଡ ପରିସରରେ ଅଜିତ କୁମାର ଶତପଥିଙ୍କ ଆବାହକତ୍ୱରେ ବିଭିନ୍ନ ଅନୁଷ୍ଠାନ, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା ।

ପୂର୍ବ ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ଓ ଏନଜିଟିରେ ମାମଲା ଦାୟର କରିଥିବା ଆବେଦନକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ବସଷ୍ଟାଣ୍ଡ ନିର୍ମାଣ ହେଲେ ଅଞ୍ଚଳର ବିକାଶ ଓ ଜନସ୍ୱାର୍ଥ ସୁନିଶ୍ଚିତ ହେବ ବୋଲି ଦର୍ଶାଇ ମାମଲା ପ୍ରତ୍ୟାହାର କରି ନିର୍ମାଣ କାର୍ଯ୍ୟରେ ସହଯୋଗ କରିବାକୁ ରାଜବୋରାସମ୍ବର କୃଷକ ସଂଗଠନର ପରାମର୍ଶଦାତା ଅଜିତ ଶତପଥି ଅନୁରୋଧ କରିଥିଲେ ।

ଆଲୋଚନାରେ ୬ଜଣ ଆବେଦନକାରୀ ଡ୍ରେନେଜ ବ୍ୟବସ୍ଥା ସୁନିଶ୍ଚିତ କରାଗଲେ ବସଷ୍ଟାଣ୍ଡ ନିର୍ମାଣରେ ସେମାନଙ୍କର କୌଣସି ଆପତ୍ତି ନଥିବା ଏବଂ ମାମଲା ପ୍ରତ୍ୟାହାର କରିବାକୁ ସମ୍ମତି ଜଣାଇଥିଲେ । ତେବେ ଅନ୍ୟ ଆବେଦନକାରୀ ଅଳକା ମିଶ୍ରଙ୍କ ପକ୍ଷରୁ ଆଶିଷ ମିଶ୍ର ତତକ୍ଷଣାତ୍ ଏହି ପ୍ରସ୍ତାବରେ ସମ୍ମତ ହୋଇନଥିଲେ । ପରିବାର ସହ ଆଲୋଚନା କରି ନିଷ୍ପତ୍ତି ଜଣାଇବା ପାଇଁ ସମୟ ମାଗିଥିଲେ ।ପରବର୍ତ୍ତୀ ଦିନ ମଧ୍ୟ ସନ୍ତୋଷଜନକ ଉତ୍ତର ନମିଳିବାରୁ ବୁଧବାର ପୁଣି ଜରୁରୀ ବୈଠକ ଡକାଯାଇଥିଲା । ଅଳକା ମିଶ୍ରଙ୍କ ପରିବାର ସହ ପୁନର୍ବାର ଆଲୋଚନା କରି ବସଷ୍ଟାଣ୍ଡ ନିର୍ମାଣରେ ସହଯୋଗ ପାଇଁ ଅନୁରୋଧ କରିବାକୁ ବୈଠକରେ ନିଷ

ସମ୍ପାଦକୀୟ

ତିରିଶ ବର୍ଷ ତଳର କଥା

୧୯୯୬ ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତୀରୁ 'ସମୟ' ସମ୍ବାଦପତ୍ର ଜନ୍ମ ନେଇଥିଲା – ଏକ ଶୁଭ ମୁହୂର୍ତ୍ତରେ। ସେଦିନ ମଧ୍ୟ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ଲାଲ ବାହାଦୂର ଶାସ୍ତ୍ରୀଙ୍କର ଜନ୍ମଦିବସ। ଏହି ସମ୍ବାଦପତ୍ରର ପ୍ରତିଷ୍ଠାତା ଥିଲେ ସ୍ୱର୍ଗୀୟ ବସନ୍ତ କୁମାର ବିଶ୍ୱାଳ। ଆଶୀର୍ବାଦ ପ୍ରକାଶନ ପ୍ରାଇଭେଟ ଲିମିଟେଡ କମ୍ପାନୀ ଗଠନ କରାଗଲା ଏବଂ 'ସମୟ' ପ୍ରକାଶ ପାଇଲା। ଈଶ୍ୱରଙ୍କ ଆଶୀର୍ବାଦରୁ ସମୟ ନିଜସ୍ୱ ଢଙ୍ଗରେ ତିରିଶ ବର୍ଷ ତଳୁ ପ୍ରକାଶ ପାଇ ଆସିଛି। ସେ ମା' ଶାରଳା ହୁଅନ୍ତୁ ବା ଶ୍ରୀଅରବିନ୍ଦ ଓ ଶ୍ରୀମା ହୁଅନ୍ତୁ ସେମାନଙ୍କ ଆଶୀର୍ବାଦରୁ ଓଡ଼ିଶାରେ ଏକ ନିରପେକ୍ଷ ସମ୍ବାଦପତ୍ର ଭାବେ 'ସମୟ'ର ଖ୍ୟାତି ରହିଛି। ନିରପେକ୍ଷତା ଧର୍ମକୁ ଆଦରି ନେଇ ଆଉ ସମୟ ସହିତ ତାଳ ଦେଇ ଚାଲିଥିବାରୁ 'ସମୟ' ଅଦିନରେ ମଉଳି ପଡ଼ି ନାହିଁ। ବିଭିନ୍ନ ବାଧାବିଘ୍ନର ସମ୍ମୁଖୀନ ହୋଇଥିବାରୁ 'ସମୟ' ଅବଶ୍ୟ ଘୋର ସଂକଟ ମଧ୍ୟରେ ଗତି କରିଛି। ତା'ର ଗତିରୋଧ କରାଯିବାକୁ ମଧ୍ୟ ଉଦ୍ୟମ ହୋଇଛି। ମାତ୍ର ସମୟ ତାହାକୁ ଆହ୍ୱାନ ବା ଚାଲେଞ୍ଜବୋଲି ମନେକରି ଅଗ୍ରଗମନ କରିଛି ପଛେ, ଅଟକି ଯାଇନାହିଁ। ତାହା ହିଁ 'ସମୟ'ର ବୈଶିଷ୍ଟ୍ୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

> **ତଟସ୍ଥ ଦୃଷ୍ଟିରୁ ବିଚାରକଲେ 'ସମୟ' କୌଣସି ଦଳୀୟ ରାନୀତିରେ ଜଡ଼ିତ ନ ହୋଇ ନିଜ ମାର୍ଗରେ ନିରପେକ୍ଷ ଭାବେ ଆଗକୁ ଆଗକୁ ମାଡ଼ିଚାଲିଛି। 'ସମୟ'ର ସମସ୍ତ କର୍ମକର୍ତ୍ତା ଓ କର୍ମଚାରୀମାନେ ଲୋକଙ୍କ ବିଶ୍ୱାସ ଓ ଶୁଭେଚ୍ଛୁମାନଙ୍କ ସହଯୋଗରେ ଆହୁରି ଆଗକୁ ବଢ଼ିଚାଲୁ। ଏହା ହିଁ ପ୍ରାର୍ଥନା ଶ୍ରୀଜଗନ୍ନାଥଙ୍କ ନିକଟରେ ।**

'ସମୟ'ର ପ୍ରତିଷ୍ଠାତା ସ୍ୱର୍ଗୀୟ ବିଶ୍ୱାଳ ନିଜେ ପ୍ରତ୍ୟକ୍ଷ ରାଜନୀତିରେ ଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହ ଘନିଷ୍ଠ ସମ୍ପର୍କରେ ଥିବାରୁ ସେ କେବଳ ବିଧାୟକ ନ ଥିଲେ, ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ମଧ୍ୟ ଥିଲେ। ଜାନକୀ ବାବୁଙ୍କ ଉଦ୍ୟମରୁ ଓଡ଼ିଶାରେ ଏକ ନୂତନ ସମ୍ବାଦପତ୍ର ମଧ୍ୟ ପ୍ରକାଶ ପାଇଲା। ସେଥିରେ ମଧ୍ୟ ବସନ୍ତ ବାବୁଙ୍କ ସହଯୋଗ ରହିଥିଲା। ବସନ୍ତ ବାବୁ ନିଜେ ପୂର୍ବରୁ ଜଣେ ବ୍ୟବସାୟୀ ଥିଲେ। ସମ୍ବାଦପତ୍ର ପରିଚାଳନାର ଅଭିଜ୍ଞତା ମଧ୍ୟ ତାଙ୍କର ଥିଲା। ସେ ନିଜେ ସାହିତ୍ୟିକ ନ ଥିଲେ ମଧ୍ୟ ସାହିତ୍ୟ ଓ ସାହିତ୍ୟିକଙ୍କୁ ସେ ଖୁବ୍ ଭଲପାଉଥିଲେ। ବସନ୍ତ ବାବୁଙ୍କ ଦୂରଦୃଷ୍ଟି ଯୋଗୁଁ ୧୯୯୭ ମାର୍ଚ୍ଚ ୧୯ରେ 'ସମୟ' ଓଡ଼ିଶାର ପ୍ରଥମ ରଂଗୀନ ସମ୍ବାଦପତ୍ର ଭାବେ ପ୍ରକାଶ ପାଇ ଆଦୃତ ହୋଇଥିଲା। 'ସମୟ' ଆରମ୍ଭରୁ ବିଭିନ୍ନ ଅଭିଜ୍ଞ ସାମ୍ବାଦିକ ଓ ସମ୍ବାଦପତ୍ରର କର୍ମଚାରୀମାନଙ୍କୁ ବାଛି ବାଛି ଅଣାଯାଇଥିଲା। ତତ୍କାଳୀନ 'ଏସିଆନ ଏଜ୍' ଇଂରାଜୀ ଦୈନିକର ସଂସ୍କରଣ ମୁଖ୍ୟ ଶାରଦା ନନ୍ଦ ଏ ବିଷୟ 'ଏସିଆନ ଏଜ୍'ରେ ଉଲ୍ଲେଖ କରିଥିବା କଥା ମନେପଡୁଛି।

ମାତ୍ର କେତେକ ଈର୍ଷାପରାୟଣ ଓ ସ୍ୱାର୍ଥପର ବ୍ୟକ୍ତି ଉଭୟ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ବସନ୍ତ ବିଶ୍ୱାଳଙ୍କ ମଧ୍ୟରେ କଜିଆ ଲଗାଇବାରୁ ଉଭୟଙ୍କ ମଧ୍ୟରେ ଥିବା ସୁସଂପର୍କ ତିକ୍ତତା ଆଡ଼କୁ ଗତି କରିଥିଲା। ବସନ୍ତ ବାବୁ ଯେଉଁ 'ସମୟ' ଆରମ୍ଭ କରିଥିଲେ, ସେଥିରେ ଜାନକୀ ବାବୁଙ୍କ ସହଯୋଗ ମଧ୍ୟ ରହିଥିଲା। ମାତ୍ର ଭବିଷ୍ୟତରେ ଏସବୁ କିଛି ରହିପାରିଲା ନାହିଁ।

ଆଜି ଜାନକୀ ବାବୁ କି ବସନ୍ତ ବାବୁ କେହି ଜଣେ ହେଲେ ଆମ ଗହଣରେ ନାହାନ୍ତି। ବସନ୍ତ ବାବୁଙ୍କ ଆଶୀର୍ବାଦରେ 'ସମୟ' ଆଗକୁ ପାଦ ପକାଇବା ବେଳକୁ ତିରିଶ ବର୍ଷ ବିତିଗଲାଣି। ଅନେକ କିଛି ବଦଳି ଗଲାଣି। ବସନ୍ତ ବାବୁଙ୍କ ଜ୍ୟେଷ୍ଠପୁତ୍ର, ଆଶୀର୍ବାଦ ପ୍ରକାଶନ ସଂସ୍ଥାର ଅଧ୍ୟକ୍ଷ ଚିରଞ୍ଜିବ ବିଶ୍ୱାଳ ଜଣେ ପୂର୍ବତନ ବିଧାୟକ ଭାବେ ସୁନାମ ଅର୍ଜନ କରିଥିଲେ। ଏବେ ସେ ଗୋଟିଏ ରାଜନୀତିକ ଦଳରେ ଅଛନ୍ତି। କନିଷ୍ଠ ପୁତ୍ର ରଂଜୀବ ବିଶ୍ୱାଳ ଭାରତରେ ଜଣେ କ୍ରିକେଟ ଖେଳାଳି ଭାବେ ମଧ୍ୟ ନାଁ କରିଛନ୍ତି। ସେ ଥରେ ଲୋକସଭାରୁ ଓ ଆଉଥରେ ରାଜ୍ୟସଭାକୁ ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି ଏବଂ ସେ ମଧ୍ୟ ଅନ୍ୟଏକ ରାଜନୀତିକ ଦଳରେ ଅଛନ୍ତି ଏବଂ 'ସମୟ'ର ପରିଚାଳନା ସଂପାଦକ ଭାବେ ଦିଗ୍‌ଦର୍ଶନ ଦେଉଛନ୍ତି।

'ସମୟ'ର ପରିଚାଳନା ନିର୍ଦ୍ଦେଶିକା ଅଛନ୍ତି ଶ୍ରୀମତୀ ତେଜଲ ବିଶ୍ୱାଳ ଓ ନିର୍ଦ୍ଦେଶିକା ଅଛନ୍ତି ଶ୍ରୀମତୀ ଅନିତା ମହାନ୍ତି।

ତଟସ୍ଥ ଦୃଷ୍ଟିରୁ ବିଚାରକଲେ 'ସମୟ' କୌଣସି ଦଳୀୟ ରାଜନୀତିରେ ଜଡ଼ିତ ନ ହୋଇ ନିଜ ମାର୍ଗରେ ନିରପେକ୍ଷ ଭାବେ ଆଗକୁ ଆଗକୁ ମାଡ଼ିଚାଲିଛି। 'ସମୟ'ର ସମସ୍ତ କର୍ମକର୍ତ୍ତା ଓ କର୍ମଚାରୀମାନେ ଲୋକଙ୍କ ବିଶ୍ୱାସ ଓ ଶୁଭେଚ୍ଛୁମାନଙ୍କ ସହଯୋଗରେ ଆହୁରି ଆଗକୁ ବଢ଼ିଚାଲନ୍ତୁ। ଏହା ହିଁ ପ୍ରାର୍ଥନା ଶ୍ରୀଜଗନ୍ନାଥଙ୍କ ନିକଟରେ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ। ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି।

ଓଡ଼ିଶାରେ କୃଷିର ସଂକଟ



ବିଦ୍ୟାଧର ମହାରଣା

ଓଡ଼ିଶାର ଅର୍ଥନୀତି, ଗ୍ରାମୀଣ ଜୀବନ ଓ ସାମାଜିକ ସଂରଚନା ସହିତ କୃଷିର ସମ୍ପର୍କ ଅତ୍ୟନ୍ତ ନିବିଡ଼। ପାଣିପାଗ ଅନିଶ୍ଚିତତା, ଉତ୍ପାଦନ ଖର୍ଚ୍ଚର ବୃଦ୍ଧି, ଉପଯୁକ୍ତ ବଜାରର ଅଭାବ ଯୋଗୁଁ ଚାଷୀମାନେ ଆଜି ନାନାବିଧ ସମସ୍ୟାର ସମ୍ମୁଖୀନ। କୃଷି ଉତ୍ପାଦନର ବୃଦ୍ଧି ସତ୍ତ୍ୱେ ଚାଷୀଙ୍କ ଆୟ ଓ ଜୀବନଧାରଣର ମାନରେ ଆଶାନୁରୂପ ଉନ୍ନତି ନ ହେବା ଓଡ଼ିଶାର କୃଷି ସଙ୍କଟର ଏକ ପ୍ରମୁଖ ଦିଗ। ଏହି କାରଣରୁ କେତେକ କୃଷକ ଚାଷ ଛାଡୁଛନ୍ତି, କେତେକ ଭାଗଚାଷ ଦେଇଛନ୍ତି, କେତେକ ଜମି ପଡିଆ ରଖୁଛନ୍ତି ଏବଂ କେତେକ ଫସଲ କ୍ଷତି ଯୋଗୁ ଓ ଋଣଭାର ସହି ନପାରି ଆତ୍ମହତ୍ୟା ମଧ୍ୟ କରୁଛନ୍ତି।

କୃଷିସଙ୍କଟ କେବଳ ଫସଲ ନଷ୍ଟହେବା କିମ୍ବା ଚାଷୀଙ୍କ ଆର୍ଥିକ କ୍ଷତିରେ ସୀମିତ ନୁହେଁ। ଏହା ଏକ ବହୁମୁଖୀ ସମସ୍ୟା ଯାହା ଚାଷୀଙ୍କ ଆୟ, ଋଣ ପରିଶୋଧ କରିବାର କ୍ଷମତା, ପରିବାରର ଜୀବନଧାରଣ, ଗ୍ରାମୀଣ ନିଯୁକ୍ତି ଓ କୃଷିର ଭବିଷ୍ୟତକୁ ପ୍ରଭାବିତ କରେ। ଓଡ଼ିଶାର ପ୍ରାୟ ୯୨% ଚାଷୀ କ୍ଷୁଦ୍ର ଓ ନାମମାତ୍ର ଜମିର ମାଲିକ। ରାଜ୍ୟର ଚାଷୀ ପରିବାର ୪୮.୬୫ ଲକ୍ଷ ଓ ଚାଷୀ ପରିବାରର ହାରାହାରି ଚାଷ ଜମି ୦.୯୫ ହେକ୍ଟର। କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାରର ହାରାହାରି ଜମି ୦.୭୬ ହେକ୍ଟର। ମୁଣ୍ଡ ପିଛା ଚାଷଜମି ମାତ୍ର ୦.୧୪ ହେକ୍ଟର। ଏହି ସୀମିତ ଜମିରେ ଚାଷ କରି ପରିବାରର ଖର୍ଚ୍ଚ ତୁଲାଇବା ସହିତ ପରବର୍ତ୍ତୀ ଚାଷପାଇଁ ପୁଞ୍ଜି ସଂଗ୍ରହ କରିବା ସେମାନଙ୍କ ପାଇଁ କଷ୍ଟକର। ଚାଷରେ ଅନିଶ୍ଚିତତା ଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଦୈନନ୍ଦିନ ଜୀବନର ଖର୍ଚ୍ଚ କ୍ରମାଗତ ଭାବେ ବଢୁଛି। ଫଳରେ କୃଷି ଅନେକ ପରିବାର ପାଇଁ ଲାଭଜନକ ଜୀବିକା ପରିବର୍ତ୍ତେ ଆର୍ଥିକ ଅନିଶ୍ଚିତତାର ଉତ୍ସ ପାଲଟିଛି।

ଓଡ଼ିଶାର କୃଷି ସଙ୍କଟର ଅନ୍ୟତମ ପ୍ରମୁଖ କାରଣ ହେଉଛି ପ୍ରକୃତି ଉପରେ ଅତ୍ୟଧିକ ନିର୍ଭରଶୀଳତା। ମୋଟ ଚାଷ ଜମି ୬୧.୮୦ ଲକ୍ଷ ହେକ୍ଟର ମଧ୍ୟରୁ ଉଭୟ ଖରିଫ୍ ଓ ରବି ଫସଲ ପାଇଁ ୭୪.୨ ଲକ୍ଷ ହେକ୍ଟର ଜମିରେ ଜଳସେଚନ ସୁବିଧା ହୋଇଥିଲେ ମଧ୍ୟ ଏହାର ମାତ୍ର ୬୨% ବ୍ୟବହାର ହେଉଛି। ଏଣୁ ରାଜ୍ୟର ଅନେକ ଅଞ୍ଚଳରେ ଚାଷ ଏବେ ମଧ୍ୟ ମୌସୁମୀ ବର୍ଷା ଉପରେ ନିର୍ଭର କରେ। ଅନିୟମିତ ବର୍ଷା, ମରୁଡ଼ି, ଅତିବୃଷ୍ଟି, ବନ୍ୟା ଓ ବାତ୍ୟା ଚାଷୀଙ୍କ ଫସଲକୁ ବ୍ୟାପକ କ୍ଷତି ପହଞ୍ଚାଏ। ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ଜଳାଭାବ ଓ ଅନିୟମିତ ବର୍ଷା ଧାନଚାଷକୁ ପ୍ରଭାବିତ କରୁଥିବାବେଳେ ଉପକୂଳ ଅଞ୍ଚଳରେ ବନ୍ୟା, ବାତ୍ୟା ଓ ଲୁଣିପାଣିର ଅନୁପ୍ରବେଶ କୃଷିପାଇଁ ବିପଦ ସୃଷ୍ଟି କରେ। ଜଳବାୟୁ ପରିବର୍ତ୍ତନ ଏହି ଅନିଶ୍ଚିତତାକୁ ଆହୁରି ଜଟିଳ କରୁଛି। ଅଧିକନ୍ତୁ ଚାଷ କରିବା ପାଇଁ ବିହନ, ସାର, କୀଟନାଶକ, ଶ୍ରମ, ଜଳସେଚନ ଓ କୃଷି ଯନ୍ତ୍ରପାତିର କ୍ରମାଗତ ମୂଲ୍ୟବୃଦ୍ଧି ଯୋଗୁ ଚାଷୀଙ୍କ ଉତ୍ପାଦନ ବ୍ୟୟ ମଧ୍ୟ ବୃଦ୍ଧି ପାଏ। କିନ୍ତୁ ଉତ୍ପାଦିତ ଫସଲର ବିକ୍ରୟ ମୂଲ୍ୟ ସେହି ଅନୁପାତରେ ବଢ଼େ ନାହିଁ। ଅନେକ କ୍ଷୁଦ୍ର ଚାଷୀଙ୍କ ପାଖରେ ଆଧୁନିକ କୃଷି ଯନ୍ତ୍ରପାତି କିଣିବା କିମ୍ବା ଉନ୍ନତ ଜ୍ଞାନକୌଶଳ ଗ୍ରହଣ କରିବା ପାଇଁ ଯଥେଷ୍ଟ ପୁଞ୍ଜି ନାହିଁ। ଏହା ଉତ୍ପାଦନ କ୍ଷମତା ଓ ଲାଭକୁ ସୀମିତ କରେ। ଯେତେବେଳେ ଉତ୍ପାଦନ ଖର୍ଚ୍ଚ ଅଧିକ ଏବଂ ବିକ୍ରୟ ମୂଲ୍ୟ କମ୍ ରହେ, ସେତେବେଳେ ଚାଷୀଙ୍କ ପାଇଁ ଚାଷ ଏକ ଲାଭଜନକ ବ୍ୟବସାୟ ହୋଇ ରହିପାରେ ନାହିଁ।

ଓଡ଼ିଶାର ମୁଖ୍ୟ ଫସଲ ଧାନର ଉଚିତ ମୂଲ୍ୟ ଓ ସୁବ୍ୟବସ୍ଥିତ ବିକ୍ରୟ ବ୍ୟବସ୍ଥା ଚାଷୀଙ୍କ ଆର୍ଥିକ ସ୍ଥିତି ସହିତ ସିଧାସଳଖ ଜଡ଼ିତ। ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଚାଷୀଙ୍କ ସ୍ୱାର୍ଥ ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଉପାୟ। କ୍ରୟ ପ୍ରକ୍ରିୟାରେ ଅନିୟମିତତା, ଟୋକନ୍ ସମ୍ପର୍କିତ ସମସ୍ୟା, ଧାନର ମାନ ନିର୍ଦ୍ଧାରଣରେ ଅସ୍ପଷ୍ଟତା ଏବଂ ମଣ୍ଡିକୁ ଧାନ ପରିବହନର ଖର୍ଚ୍ଚ ଚାଷୀଙ୍କୁ ଅସୁବିଧାରେ ପକାଇପାରେ। ସରକାର ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଦେଉଥିଲେ ମଧ୍ୟ ଧାନ ଅମଳ ପରେ ତୁରନ୍ତ ଅର୍ଥର ଆବଶ୍ୟକତା ଥିବାରୁ କେତେକ ଚାଷୀ ବାଧ ହୋଇ କମ୍ ଦାମରେ ଫସଲ ବିକ୍ରୟ କରନ୍ତି। ଏହି ସମସ୍ୟାର ସମାଧାନ ପାଇଁ ମଣ୍ଡି ବ୍ୟବସ୍ଥାର ଡିଜିଟାଲୀକରଣ, ନିୟମିତ ତଦାରଖ, ଚାଷୀଙ୍କ ଅଭିଯୋଗର ତ୍ୱରିତ ସମାଧାନ ଓ ସମୟାନୁସାରେ

> **କୃଷିସଙ୍କଟ କେବଳ ଫସଲ ନଷ୍ଟହେବା କିମ୍ବା ଚାଷୀଙ୍କ ଆର୍ଥିକ କ୍ଷତିରେ ସୀମିତ ନୁହେଁ। ଏହା ଏକ ବହୁମୁଖୀ ସମସ୍ୟା ଯାହା ଚାଷୀଙ୍କ ଆୟ, ଋଣ ପରିଶୋଧ କରିବାର କ୍ଷମତା, ପରିବାରର ଜୀବନଧାରଣ, ଗ୍ରାମୀଣ ନିଯୁକ୍ତି ଓ କୃଷିର ଭବିଷ୍ୟତକୁ ପ୍ରଭାବିତ କରେ। ଓଡ଼ିଶାର ପ୍ରାୟ ୯୨% ଚାଷୀ କ୍ଷୁଦ୍ର ଓ ନାମମାତ୍ର ଜମିର ମାଲିକ।**

ଅର୍ଥ ପ୍ରଦାନ ସୁନିଶ୍ଚିତ କରିବା ଦରକାର।

କୃଷିକାର୍ଯ୍ୟ ପାଇଁ ପୁଞ୍ଜିର ଆବଶ୍ୟକତା ଅନିବାର୍ଯ୍ୟ। ଅନୁକୂଳ ପାଗ, ଭଲ ଅମଳ ଓ ଉଚିତ ବଜାର ମୂଲ୍ୟ ଉପରେ ଚାଷୀଙ୍କ ଆୟ ନିର୍ଭର କରେ। କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ବଜାରରେ ମୂଲ୍ୟ ହ୍ରାସ ଘଟିଲେ ଚାଷୀଙ୍କ ପାଇଁ ଋଣ ପରିଶୋଧ କରିବା କଷ୍ଟକର ହୋଇପଡ଼େ। ସଂସ୍ଥାଗତ ଋଣ ସମସ୍ତ ଚାଷୀଙ୍କ ପାଖରେ ସହଜରେ ପହଞ୍ଚି ନ ପାରିଲେ ସେମାନେ ଅନ୍ୟ ଉତ୍ସରୁ ଅଧିକ ସୁଧରେ ଋଣ ନେବାକୁ ବାଧ ହୋଇପାରନ୍ତି। ଫଳରେ ଋଣବୋଝ ବଢ଼ିବା ସହିତ ପରିବାରର ଆର୍ଥିକ ସ୍ଥିରତା ମଧ୍ୟ ଦୁର୍ବଳ ହୁଏ।

କୃଷିର ବିବିଧୀକରଣ ଓ ବଜାର ସଂଯୋଗର ଅଭାବ

ଓଡ଼ିଶାର ଅନେକ ଅଞ୍ଚଳରେ ଧାନଚାଷ ଉପରେ ଅଧିକ ନିର୍ଭରଶୀଳତା ଦେଖାଯାଏ। ଧାନ ରାଜ୍ୟର ଖାଦ୍ୟ ସୁରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ହୋଇଥିଲେ ମଧ୍ୟ ଡାଲି, ତୈଳବୀଜ, ଫଳ, ପନିପରିବା ଓ ଅନ୍ୟାନ୍ୟ ଅର୍ଥକରୀ ଫସଲର ଉପଯୁକ୍ତ ବିକାଶ ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରେ। କିନ୍ତୁ ବିକଳ୍ପ ଫସଲ ଚାଷ ପାଇଁ ବଜାରର ନିଶ୍ଚିତତା, ଶୀତଳଭଣ୍ଡାର, ପରିବହନ, ପ୍ରକ୍ରିୟାକରଣ ଓ ସଂରକ୍ଷଣ ସୁବିଧା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଚାଷୀ ଉତ୍ପାଦକ ସଂଗଠନ (FPO), ସମବାୟ ସମିତି, କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଶିଳ୍ପ ଓ ସିଧାସଳଖ ବଜାର ସଂଯୋଗକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ।

କୃଷିରୁ ଯଥେଷ୍ଟ ଆୟ ନମିଳିଲେ ଗ୍ରାମାଞ୍ଚଳର ଯୁବକଯୁବତୀମାନେ ଅନ୍ୟତ୍ର ରୋଜଗାର ଖୋଜିବାକୁ ବାଧ ହୁଅନ୍ତି। ଏହି ପ୍ରବାସନ ଅନେକ ପରିବାରର ଜୀବିକାର ମାଧ୍ୟମ ହୋଇଥିଲେ ମଧ୍ୟ ଏହା ଗ୍ରାମୀଣ କୃଷିରେ ଶ୍ରମଶକ୍ତିର ଅଭାବ ସୃଷ୍ଟି କରିପାରେ। ଅନ୍ୟପକ୍ଷରେ, ମହିଳାମାନେ କୃଷି କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିଲେ ମଧ୍ୟ ଜମି ମାଲିକାନା, ଋଣ, ପ୍ରଶିକ୍ଷଣ ଓ ବଜାର ସୁବିଧା କ୍ଷେତ୍ରରେ ଅନେକ ସମୟରେ ପଛରେ ରହିଯାଆନ୍ତି। ତେଣୁ କୃଷି ସଙ୍କଟର ସମାଧାନ କେବଳ ଚାଷୀଙ୍କ ଆୟ ବୃଦ୍ଧିରେ ସୀମିତ ନରହି ଗ୍ରାମୀଣ ନିଯୁକ୍ତି, ମହିଳା ସଶକ୍ତୀକରଣ ଓ ଯୁବପିଢ଼ିକୁ କୃଷି ପ୍ରତି ଆକର୍ଷିତ କରିବା ସହିତ ଜଡ଼ିତ ହେବା ଆବଶ୍ୟକ।

କୃଷିକୁ ଲାଭଜନକ କରିବା ପାଇଁ ବହୁବିଧ ଉଦ୍ୟମ ଆବଶ୍ୟକ। ଭୂସଂସ୍କାର ସମ୍ପୂର୍ଣ୍ଣ କରାଗଲେ ଚାଷଜମି କୃଷି ପାଇଁ ଅଧିକ ଅନୁକୂଳ ହେବ। ଜଳସେଚନର ସମ୍ପ୍ରସାରଣ ପାଇଁ କେବଳ ବୃହତ ଜଳସେଚନ ପ୍ରକଳ୍ପ ନୁହେଁ, କ୍ଷୁଦ୍ର ଜଳସେଚନ, ଚେକ୍ ଡ୍ୟାମ୍, ଜଳାଶୟ ପୁନରୁଦ୍ଧାର, ବର୍ଷାଜଳ ସଂରକ୍ଷଣ ଓ ବୁନ୍ଦା ଜଳସେଚନକୁ ମଧ୍ୟ ପ୍ରୋତ୍ସାହନ ଦେବା ଦରକାର। ଏହାଦ୍ୱାରା ମୌସୁମୀ ବର୍ଷା ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ଉଚିତ ମୂଲ୍ୟର କୃଷି ଫସଲ ବିକ୍ରୟ ପାଇଁ ଧାନ ସମେତ ଅନ୍ୟାନ୍ୟ ଫସଲର ବଜାର ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ସରକାରୀ କ୍ରୟ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ଚାଷୀଅନୁକୂଳ କରିବା ଆବଶ୍ୟକ। କୃଷିର ବିବିଧୀକରଣ ନିମନ୍ତେ ଧାନ ସହିତ ଡାଲି, ତୈଳବୀଜ, ମାଣ୍ଡିଆ, ଫଳ, ପନିପରିବା, ଆଖୁ, କପା, ଝୋଟ ଓ ଅନ୍ୟାନ୍ୟ ଅଞ୍ଚଳଭିତ୍ତିକ ଫସଲର ଚାଷକୁ ପ୍ରୋତ୍ସାହନ ଦେବା ଦରକାର। ସ୍ଥାନୀୟ ମାଟି, ଜଳବାୟୁ ଓ ଜଳ ଉପଲବ୍ଧତା ଅନୁଯାୟୀ ଫସଲ ଚୟନ କରାଗଲେ ଚାଷୀଙ୍କ ଆୟର ଉତ୍ସ ବଢ଼ିପାରିବ। କୃଷି ଋଣ ଓ ବୀମା ବ୍ୟବସ୍ଥାର ସୁଦୃଢ଼ୀକରଣ ନିମନ୍ତେ ଚାଷୀଙ୍କୁ ସହଜ ସର୍ତ୍ତରେ ସଂସ୍ଥାଗତ ଋଣ ଯୋଗାଇଦେବା ସହିତ ଫସଲ ବୀମାର ଦାବି ନିର୍ଦ୍ଧାରଣ ଓ କ୍ଷତିପୂରଣ ପ୍ରଦାନକୁ ସରଳ ଓ ସମୟୋଚିତ କରିବା ଆବଶ୍ୟକ। କୃଷି ଉତ୍ପାଦ ଗୁଡିକର ସଂରକ୍ଷଣ ଓ ପ୍ରକ୍ରିୟାକରଣ ନିମନ୍ତେ ଗ୍ରାମୀଣ ଅଞ୍ଚଳରେ ଶୀତଳଭଣ୍ଡାର, ଗୋଦାମ, ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ଓ ପରିବହନ ସୁବିଧାର ବିକାଶ କରାଯିବା ଦରକାର। ଏହା ଫସଲ ନଷ୍ଟକୁ ହ୍ରାସ କରିବା ସହିତ ଚାଷୀଙ୍କୁ ଉଚିତ ସମୟରେ ଉତ୍ପାଦ ବିକ୍ରୟ କରିବାର ସୁଯୋଗ ଦେବ। କୃଷିର ଆଧୁନିକୀକରଣ ପରିପ୍ରେକ୍ଷୀରେ ଉନ୍ନତ ବିହନ, ମୃତ୍ତିକା ପରୀକ୍ଷା, ଆଧୁନିକ କୃଷି ଯନ୍ତ୍ରପାତି, ଡିଜିଟାଲ କୃଷି ସୂଚନା ଓ ବୈଜ୍ଞାନିକ ପଦ୍ଧତିର ବ୍ୟବହାର ବଢ଼ାଇବା ଆବଶ୍ୟକ। କ୍ଷୁଦ୍ର ଚାଷୀମାନେ ମଧ୍ୟ ଯେପରି ଏହି ସୁବିଧା ପାଇପାରିବେ, ସେଥିପାଇଁ ସାମୂହିକ କୃଷି ଯନ୍ତ୍ରପାତି କେନ୍ଦ୍ର ଓ କୃଷକ ଉତ୍ପାଦକ ସଂଗଠନକୁ ସଶକ୍ତ କରିବା ଉଚିତ। ପ୍ରାଣୀପାଳନ ଓ ମତ୍ସ୍ୟଚାଷର ଉନ୍ନତି ପାଇଁ ଫସଲ ଚାଷ ସହିତ ଗୋପାଳନ, ଛେଳିପାଳନ, କୁକୁଡ଼ାପାଳନ, ମତ୍ସ୍ୟଚାଷ ଓ ମହୁଚାଷକୁ ସମନ୍ୱିତ କରିବା ଦ୍ୱାରା ଗ୍ରାମୀଣ ପରିବାରର ଆୟ ବଢ଼ିପାରିବ। ଏହା କୃଷି ସଙ୍କଟ ସମୟରେ ବିକଳ୍ପ ଜୀବିକାର ସୁଯୋଗ ମଧ୍ୟ ସୃଷ୍ଟି କରିବ। ଶେଷରେ କୃଷିଭିତ୍ତିକ ଶିଳ୍ପର ବିକାଶ କରିବା ପାଇଁ ଗ୍ରାମାଞ୍ଚଳରେ ଖାଦ୍ୟ ପ୍ରକ୍ରିୟାକରଣ, ମିଲିଂ, ପ୍ୟାକେଜିଂ ଓ କୃଷିଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି ଶିଳ୍ପକୁ ପ୍ରୋତ୍ସାହନ ଦିଆଗଲେ ଚାଷୀଙ୍କ ଉତ୍ପାଦ ପାଇଁ ନୂତନ ବଜାର ସୃଷ୍ଟି ହେବ ଏବଂ ଗ୍ରାମୀଣ ଯୁବକଯୁବତୀଙ୍କୁ ନିଯୁକ୍ତି ମିଳିବ।

ସରକାରୀ ଯୋଜନାର ସଫଳତା କେବଳ ଅର୍ଥ ବରାଦ କିମ୍ବା ଘୋଷଣା ଉପରେ ନିର୍ଭର କରେ ନାହିଁ ଏହାର ପ୍ରକୃତ ସଫଳତା ନିର୍ଭର କରେ ଚାଷୀ କେତେ ସହଜରେ ଏହାର ସୁଫଳ ପାଉଛନ୍

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଗଣମାଧ୍ୟମ...

ଏହାର ସଫଳତାର ୩୦ ବର୍ଷ ପୂର୍ଣ୍ଣ କରିଛି ଏବଂ ଆଗାମୀ ଦିନରେ ଏହା ଆହୁରି ଆଗକୁ ବଢ଼ିବ ବୋଲି ଆଶା କରୁଛି । ଓଡ଼ିଶାର ପ୍ରତିଟି କୋଣଅନୁକୋଣରେ ପହଞ୍ଚି ସମାଜକୁ ଏବଂ ଓଡ଼ିଶାର ଗଣତନ୍ତ୍ରକୁ ସୁଦୃଢ଼ କରିବା ଦିଗରେ ଏହି ଗଣମାଧ୍ୟମ ସର୍ବଦା ପ୍ରତିଶ୍ରୁତିବଦ୍ଧ ରହିବ । ତେବେ ନି ଜେ ଜଣେ ରାଜନେତା ହେବାରେ ସମ୍ବାଦପତ୍ରର ଥିବା ଭୂମିକା ସମ୍ପର୍କରେ ସେ ଅବତାରଣା କରିଥିଲେ ।

ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସୌମ୍ୟଜିତ ପଟ୍ଟନାୟକ କହିଥିଲେ, ସମୟ ସହିତ ଗଣମାଧ୍ୟମ କ୍ଷେତ୍ରରେ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳୁଛି । ପୂର୍ବ ଅପେକ୍ଷା ଆଜି ସମସ୍ତେ ସୋସିଆଲ ମିଡିଆ ଏବଂ ଡିଜିଟାଲ୍ ପ୍ଲାଟଫର୍ମକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଆଜିର ଯୁଗରେ ପ୍ରତ୍ୟେକ ବ୍ୟକ୍ତି ଟେକ୍ନୋଲୋଜି ସହ ଅତି ନିବିଡ଼ ଭାବରେ ଜଡ଼ିତ ହୋଇରହିଛନ୍ତି । ସୋସିଆଲ ମିଡିଆ ଯଥା ଫେସବୁକ୍, ଟ୍ୱିଟର୍ (ଏକ୍ସ), ଇନଷ୍ଟାଗ୍ରାମ୍ ଏବଂ ୟୁଟ୍ୟୁବ୍ ମାଧ୍ୟମରେ ସବୁଠାରୁ ଦ୍ରୁତ ଗତିରେ ଖବର ଲୋକଙ୍କ ନିକଟରେ ପହଞ୍ଚିପାରୁଛି । କେବଳ ପାରମ୍ପରିକ ଗଣମାଧ୍ୟମ ନୁହେଁ, ବରଂ ବର୍ତ୍ତମାନ ସାଧାରଣ ଲୋକେ ମଧ୍ୟ ଟେକ୍ନୋଲୋଜିର ସହାୟତାରେ ନିଜସ୍ୱସ୍ତରରେ ଖବର ସଂଗ୍ରହ କରି ଜନସାଧାରଣଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ପାରୁଛନ୍ତି । ଆଜିର ଦିନରେ ନୂଆ ଷ୍ଟାର୍ଟଅପ୍ ଏବଂ ଡିଜିଟାଲ୍ ମାଧ୍ୟମ ମାଧ୍ୟମରେ ଯୁବପିଢ଼ି ନୂଆ ସ୍କିଲ୍ ଏବଂ ଜ୍ଞାନକୌଶଳ ହାସଲ କରି ଆଗକୁ ବଢୁଛନ୍ତି । ଆଗାମୀ ଦିନରେ ଗଣମାଧ୍ୟମ କ୍ଷେତ୍ରରେ ଏହି ଟେକ୍ନୋଲୋଜି ଆହୁରି ଅଧିକ ବ୍ୟାପକ ହେବ ବୋଲି ସେ କହିଥିଲେ ।

ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ କହିଥିଲେ, ଗଣତନ୍ତ୍ରକୁ ସୁରକ୍ଷିତ ଏବଂ ଜୀବନ୍ତ ରଖିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କେବଳ ଭାରତବର୍ଷରେ ନୁହେଁ, ସମଗ୍ର ବିଶ୍ୱର ପ୍ରତିଟି ଦେଶରେ ପ୍ରିଣ୍ଟ ମିଡିଆ ଏବଂ ଇଲେକ୍ଟ୍ରୋନିକ୍ସ ମିଡିଆର ସଚେତନତା ନିହାତି ଆବଶ୍ୟକ । ଆଜିର ଡିଜିଟାଲ୍ ଯୁଗରେ ଏଆଇ ଏବଂ ଅନେକ ନୂତନ ମାଧ୍ୟମ ଆସିଯାଇଥିଲେ ମଧ୍ୟ ଖବରକାଗଜ ଏବଂ ଲେଖାର ମୂଲ୍ୟ ସବୁବେଳେ ସ୍ୱତନ୍ତ୍ର । ଗୋଟିଏ ଖବରକାଗଜକୁ ୩୦ ବର୍ଷ କିମ୍ବା ୪୦ ବର୍ଷ ଧରି ଚଳାଇବା ଏବଂ ଏହାର ସ୍ଥିତି ବଜାୟରଖିବା ଏକ ବଡ଼ କାଠିକର ପାଠ । ଏଥିପାଇଁ ବହୁ ପରିଶ୍ରମ, ନିଷ୍ଠା ଏବଂ ତ୍ୟାଗର ଆବଶ୍ୟକତା ରହିଥାଏ । ସାମ୍ବାଦିକମାନେ ଯେତେବେଳେ ସ୍ୱାର୍ଥପର ନ ହୋଇ କେବଳ ପ୍ରଶଂସା ପାଇଁ ନୁହେଁ, ବରଂ ନିରପେକ୍ଷ ଭାବରେ ପ୍ରକୃତ ଘଟଣାକୁ ଲୋକଙ୍କ ସାମ୍ନାକୁ ଆଣିଥାନ୍ତି, ସେତେବେଳେ ତାହା ଗଣତନ୍ତ୍ରର ମୂଳଦୁଆକୁ ଆହୁରି ମଜବୁତ କରିଥାଏ । ଖବରକାଗଜ ଏବଂ ଗଣମାଧ୍ୟମର ଏହି ନିରନ୍ତର ପ୍ରୟାସ ଦେଶର ଗଣତନ୍ତ୍ରକୁ ଅକ୍ଷୁର୍ଣ୍ଣ ରଖିବାରେ ସାହାଯ୍ୟ କରୁଛି ।

ଏହି କାର୍ଯ୍ୟକ୍ରମରେ ସମୟର ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ କହିଥିଲେ, ଓଡ଼ିଶାର ପ୍ରଥମ ରଙ୍ଗୀନ ଖବରକାଗଜ ସମୟ ଆଜି ତାର ଗୌରବମୟ ୩୦ ବର୍ଷ ପୂର୍ତ୍ତି ପାଳନ କରିଛି । ବହୁ ପ୍ରତିକୂଳ ପରିସ୍ଥିତି, ବାତ୍ୟା ଓ ବିଭିନ୍ନ ଚ୍ୟାଲେଞ୍ଜକୁ ସାମ୍ନା କରି ମଧ୍ୟ ସମୟ ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିପାରିଛି । ପ୍ରତିଷ୍ଠା ଦିନଠାରୁ ଆରମ୍ଭ କରି ବିଭିନ୍ନ ଜିଲ୍ଲାରେ ପହଞ୍ଚିବା ପର୍ଯ୍ୟନ୍ତ ଏହାର ଯାତ୍ରା ଅତ୍ୟନ୍ତ ପ୍ରେରଣାଦାୟକ ଥିଲା । ପ୍ରଥମେ ଗୋଟିଏ ଦିନ ପୂର୍ବରୁ ପ୍ରକାଶନ ଆରମ୍ଭ କରିବା ଏବଂ ତା'ପରେ ସମୟ ସହ ତାଳ ଦେଇ ଆଗକୁ ବଢ଼ିବା ଏହାର ଇତିହାସର ଏକ ବଡ଼ ଅଧ୍ୟାୟ । 'ସମୟ' କେବଳ ଏକ ଖବରକାଗଜ ନୁହେଁ, ବରଂ ଓଡ଼ିଶାବାସୀଙ୍କ ପାଇଁ ଏକ ଭାବନା ଏବଂ ଗର୍ବର ପ୍ରତୀକ । ଆମେ ରହୁ ବା ନ ରହୁ କିନ୍ତୁ 'ସମୟ' ରହିଥିବ ବୋଲି ଶ୍ରୀ ବିଶ୍ୱାଳ କହିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମୟର ମୁଖ୍ୟ ସମ୍ପାଦକ ଡଃ. ଗୁରୁକଲ୍ୟାଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସମୟର ପରିଚାଳନା ନିର୍ଦ୍ଦେଶିକା ତେଜଲ ବିଶ୍ୱାଳ ଏବଂ ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି ଉପସ୍ଥିତ ଥିଲେ । ଶେଷରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସମୟର ପ୍ରକାଶକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ 'ସମୟ' ପକ୍ଷରୁ ସ୍ତମ୍ଭକାର ରନ୍ଦାକର ରାଉତ, ବିଜ୍ଞାପନ ଏଜେନ୍ସି ଡିସ୍‌ପ୍ଲେ ଲାଇନର ସିଇଓ ଶ୍ରୀଧର ଦାସ, ଫାଷ୍ଟ କମ୍ୟୁନିକେସନ ଜିଏମ୍ ରଶ୍ମିରଞ୍ଜନ ପ୍ରଧାନ, 'ସମୟ'ର ସମ୍ପାଦକ ପପୁ ମହାନ୍ତି, କଟକ ସାମ୍ବାଦିକ ସମୀର କର, ମୁଖ୍ୟ ଲେଆଉଟ ଡିଜାଇନର ଦିପ୍ତାରଞ୍ଜନ ପଣ୍ଡା, ବିଜ୍ଞାପନ ବିଭାଗର ନିର୍ମଳ କୁମାର ସ୍ୱାଇଁ, ପ୍ରିଣ୍ଟିଂ ବିଭାଗର ଅମିତାଭ ମହାପାତ୍ର, ସିଟିପି ସେକ୍ସନ ମୁଖ୍ୟ ଧରଣୀଧର ଜେନା, ଯାଜପୁର ଜିଲ୍ଲା ପ୍ରତିନିଧି ହାରାଧନ ବାନାର୍ଜୀ, ବାରିପଦା ପ୍ରତିନିଧି ସୌମ୍ୟରଞ୍ଜନ ପଟ୍ଟନାୟକ, ବୌଦ୍ଧ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ, ପାରାଦୀପ ପ୍ରତିନିଧି ସୁବ୍ରତ କୁମାର ନାୟକ, ଚଣ୍ଡିଖୋଲ ପ୍ରତିନିଧି ବେଣୁଧର ପଣ୍ଡା, ଅଫିସ କର୍ମଚାରୀ ସୁବାସ ଚନ୍ଦ୍ର ମଲ୍ଲ, ହାଇଟେକ ମେଡିକାଲ କଲେଜ ଆସୋସିଏଟ୍ ଡାଇରେକ୍ଟର ମଧୁସ୍ମିତା ତ୍ରିପାଠୀ ଏବଂ ନେତାଜୀ ଗ୍ରୁପ୍ ଅଫ୍ ଇନିଷ୍ଟିଚ୍ୟୁସନର ଅଧ୍ୟକ୍ଷ ବିଜନ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ପୁଣି...

ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି । ତେବେ ଜିଏଫ୍‌ଏସ୍ ମଡେଲ ୟୁରୋପିଆନ ମଡେଲ କହୁଛି ଯେ ଏହା ବାତ୍ୟା ରୂପ ନେବାର ସମ୍ଭାବନା ରହିଛି । ଆହୁରି ଅଧିକ ଘନୀଭୂତ ହୋଇ ଭୀଷଣ ବାତ୍ୟାରେ ପରିଣତ ହେବା ସହ ଦକ୍ଷିଣ ଆନ୍ଧ୍ରରୁ ତାମିଲନାଡୁ ମଧ୍ୟରେ ସ୍ଥଳଭାଗ ଛୁଇଁପାରେ ।

ରାଜ୍ୟରେ ଶୀତ ଅନୁଭୂତ ଆରମ୍ଭ ହୋଇଥିବାବେଳେ ୧୮ ତାରିଖ ବେଳକୁ ବର୍ଷା ହେବାର ସମ୍ଭାବନା ଅଛି । ବିଶେଷକରି ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ଗତ ୨୪ ଘଣ୍ଟା ମଧ୍ୟରେ ସିମିଳିଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୧୧.୯ ଥିବାବେଳେ ଜି.ଉଦୟଗିରିରେ ୧୨.୫°, ନବରଙ୍ଗପୁରରେ ୧୩.୫°, ଫୁଲବାଣୀରେ ୧୪°, ଦାରିଙ୍ଗୀବାଡ଼ିରେ ୧୪°, ଭବାନୀପାଟଣା ଓ ଝାରସୁଗୁଡ଼ାରେ ୧୪.୬°, କୋରାପୁଟରେ ୧୫.୪° ତାପମାତ୍ରା ରେକର୍ଡ଼ ହୋଇଛି । ପାହାଡ଼ିଆ ଅଞ୍ଚଳରେ ରାତିର ପାରଦ ତଳକୁ ଖସିବାରେ ଲାଗିବା ସହ ଶୀତ ଅନୁଭୂତ ହେଉଛି ।

ଅନ୍ୟପଟେ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ଦକ୍ଷିଣ ଆଣ୍ଡାମାନ ସାଗର ଓ ସଲଗ୍ନ ଭାରତ ମହାସାଗରରେ ଘୂର୍ଣ୍ଣିବଳୟ ରହିଛି । ଏହା ପ୍ରଭାବରେ ୧୩ ତାରିଖ ସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇପାରେ । ୧୫ରୁ ୧୬ ମଧ୍ୟରେ ଏହା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଅଧିକାଂଶ ମଡେଲ ଅନୁସାରେ ଏହା ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗରେ ଗତି କରି ଶ୍ରୀଲଙ୍କା, ଉତ୍ତର ତାମିଲନାଡୁ, ପୁଡୁଚେରୀ-ଚେନ୍ନାଇ ଅଞ୍ଚଳ କିମ୍ବା ଦକ୍ଷିଣ ଆନ୍ଧ୍ରପ୍ରଦେଶ ଆଡ଼କୁ ମୁହାଁଇପାରେ । ବର୍ତ୍ତମାନର ଆକଳନ ଅନୁସାରେ ଓଡ଼ିଶା ଉପରେ ଏହି ସିଷ୍ଟମର ବିଶେଷ ପ୍ରଭାବ ପଡ଼ିବାର ସଂକେତ ନାହିଁ । ତଥାପି ଆଗାମୀ ଦିନର ତୀବ୍ରତା ଓ ଗତିପଥ ବଦଳିପାରେ । ତେଣୁ ସିଷ୍ଟମର ବିକାଶ ଉପରେ ନଜର ରଖାଯାଇଛି ବୋଲି ଶ୍ରୀ ପଶୁପାଳକ କହିଛନ୍ତି ।

କଟକ...

ସମ୍ମତି ପତ୍ର ଆସିନଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ପ୍ରକାଶଥାଉକି ଚଳିତ ବର୍ଷ ନଭେମ୍ବର ୨୪ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଏହି ବାଲିଯାତ୍ରା ଚାଲିବ ।

ବଡ ଭାଇର ଦଶାହରେ ନଦୀରେ ବୁଡ଼ି ଭଉଣୀ ମୃତ, ୩ ଗୁରୁତର

ଗୋପ (ସବୁ୍ୟ) : ବଡ ଭାଇର ଦଶାହ କାର୍ଯ୍ୟରେ ରାଉରକେଲାରୁ ଯୋଗଦେବାକୁ ଆସିଥିବା ସାନ ଭଉଣୀ ଗୋପ କୁଶଭଦ୍ରା ନଦୀରେ ବୁଡି ମୃତ୍ୟୁ ବରଣ କରିଥିବା ବେଳେ ୧୨ ବର୍ଷର ପୁଅ,ନଣନ୍ଦ ଓ ଝିଆରୀ ଗୁରୁତର ଭାବେ ଆହତ ହୋଇଛନ୍ତି ।

ଗୋପ ଥାନା ନିକଟସ୍ଥ ବଣିଆସାହି ଗ୍ରାମର ମୃତ ଦେବାଶିଷ ସାହୁଙ୍କର ବୁଧବାର ଦିନି ଦଶାହ କାର୍ଯ୍ୟକ୍ରମ ଥିଲା । ମୃତ ଦେବାଶିଷଙ୍କ ବଡବାପାଙ୍କ ଝିଅ ତଥା ସାନ ଭଉଣୀ ସ୍ୱାଗତିକା ପୃଷ୍ଟି (୪୫) ରାଉଲକେଲାରୁ ପରିବାର ସହିତ ଆସିଥିଲେ । ତେବେ ନିକଟସ୍ଥ କୁଶଭଦ୍ରା ନଦୀ ପଠାରେ ଦଶାହ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ସ୍ୱାଗତିକା, ପୁଅ, ନଣନ୍ଦ ଓ ଝିଆରୀ ଏକା ସଙ୍ଗେ ନଦୀରେ ଗାଧୋଇବା ବେଳେ ପୁଅ ବୁଡି ଯାଉଥିଲା । ଏହା ଦେଖି ମାଆ ସ୍ୱାଗତିକା, ନଣନ୍ଦ ଓ ଝିଆରୀ ପାଣି ଭିତରେ ପଶି ପୁଅକୁ ଉଦ୍ଧାର କରିବାକୁ ଯାଇ ସମସ୍ତେ ବୁଡି ଯାଇଥିଲେ । ତେବେ ସ୍ଥାନୀୟ ଲୋକମାନେ ପାଣିରେ ପଶି ୩ଜଣଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ ମଧ୍ୟ ସ୍ୱାଗତିକାଙ୍କୁ ଉଦ୍ଧାର କରି ପାରିନଥିଲେ । ତେବେ ଗୋପ ଅଗ୍ନିଶମ ବିଭାଗ ପକ୍ଷରୁ ଦୀର୍ଘ ଦୁଇ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ସ୍ୱାଗତିକାଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ ମଧ୍ୟ ଡାକ୍ତର ଶିବ ପ୍ରସାଦ ମଙ୍ଗରାଜ ମୃତ ଘୋଷଣା କରିଥିଲେ । ତେବେ ଅନ୍ୟ ତିନିଜଣ ଚିକିତ୍ସିତ ପରେ ସୁସ୍ଥଥିବା ଜଣାପଡିଛି ।ସୂଚନା ଥାଉକି ଗତ ପାଞ୍ଚ ବର୍ଷ ମଧ୍ୟରେ ବଣିଆ ସାହି କୁଶଭଦ୍ରା ନଦୀର ନିର୍ଦ୍ଦିଷ୍ଟ ଗଣ୍ଡରେ ୪ ଜଣ ମୃତ୍ୟୁ ବରଣ କରିଛନ୍ତି । ଘଟଣାସ୍ଥଳରେ ଗୋପ ତହସିଲଦାର, ଗୋପ ଥାନା ଇନିସିପେକଫର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଘଟଣାକୁ ନେଇ ବଣିଆସାହି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

ଜନସମସ୍ୟା ସମାଧାନରେ ବିଧାୟକ ଛବି ମଲ୍ଲିକଙ୍କ ପ୍ରଶଂସନୀୟ ପଦକ୍ଷେପ

ଫୁଲନଖରା (ସବୁ୍ୟ): ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ ଓ ଗ୍ରାମାଞ୍ଚଳରେ ଗମନାଗମନର ସୁବିଧା ସୃଷ୍ଟି କରିବା ହେଉଛି ଜନପ୍ରତିନିଧିଙ୍କ ପ୍ରମୁଖ ଦାୟିତ୍ୱ । ଲୋକଙ୍କ ଦୁଃଖ ଓ ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ଏକ ଆବଶ୍ୟକୀୟ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେଇ ପ୍ରଶଂସା ସାଉଁଟିଛନ୍ତି ନିଆଳି ବିଧାୟକ ଛବି ମଲ୍ଲିକ । ଅନ୍ୟପଟେ ଏହି ଜନହିତକର କାର୍ଯ୍ୟକୁ ନେଇ କିଛି ବ୍ୟକ୍ତିଙ୍କ ବିରୋଧ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।ବାରଙ୍ଗ ବ୍ଲକ ଅନ୍ତର୍ଗତ ୩୩ ନମ୍ବର ଜୋନର ସାଇଁସୋ ପଞ୍ଚାୟତ ରାହୁରା ମାଇନର କେନାଲ ବନ୍ଧରେ ଖଲର୍ଦା-କୁରୁଣ୍ଡି ରାସ୍ତାଠାରୁ କେଦାରେଶ୍ୱର ବିହାର ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣକୁ ନେଇ ଏଭଳି ବିବାଦ ଦେଖାଦେଇଛି । ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ରାସ୍ତା ପ୍ରାଚୀ ଡିଭିଜନ ଅନ୍ତର୍ଗତ ରାହୁରା ମାଇନରର କୋକଲ ମୌଜାର ଖାତା ନମ୍ବର ୩୫୬ ଓ ପ୍ଲଟ ନମ୍ବର ୫୨୯ ଏବଂ ୫୩୧ରେ ଥିବା କେନାଲ ବନ୍ଧ ଉପରେ ନିର୍ମାଣ ହୋଇଛି । ଏହି ରାସ୍ତା ନିର୍ମାଣ ହେଲେ ସେଠାରେ ବସବାସ କରୁଥିବା ୩ ପରିବାରକୁ ଯାତାୟାତର ସୁବିଧା ମିଳିବ । ତିନୋଟି ପରିବାରର ଦୀର୍ଘଦିନର ଯାତାୟାତ ସମସ୍ୟାର ସମାଧାନ ଦିଗରେ ବିଧାୟକଙ୍କ ଏହି ପଦକ୍ଷେପକୁ ଏକ ସ୍ୱାଗତଯୋଗ୍ୟ ଜନହିତକର କାର୍ଯ୍ୟ ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି । ଏଥିପାଇଁ ବିଶ୍ୱଜିତ ମହାପାତ୍ର, ରମେଶ ଭୋଇ, ଦାମୋଦର ଭୋଇ, ହିମାଂଶୁ ମହାପାତ୍ର, ପଞ୍ଚୁ ମହାରଣା, ଅଜୟ କୁମାର ବାରିକ ଓ ନିଗମାନନ୍ଦ ମହାପାତ୍ର ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି । ଉକ୍ତ ସ୍ଥାନରେ ଘର ନଥିବା କିମ୍ବା ଏହା କୌଣସି ବିଲଡର୍ସ ପ୍ରକଳ୍ପ ପାଇଁ ରାସ୍ତା ନିର୍ମାଣ ବୋଲି ଅଭିଯୋଗ କରାଯାଉଥିବା ବେଳେ ସେହି ଅଭିଯୋଗର ସତ୍ୟତା ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଅନ୍ୟପଟେ କୁରାଙ୍ଗ ପ୍ରଧାନ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମୌଜାର କୁଶକଣ୍ଢା ମାଇନର ଉପରେ ମାତ୍ର ଗୋଟିଏ ଘର ଥିବା ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ଏବଂ କୋକଲ ଚକ ରାସ୍ତାରେ ଗୋଟିଏ ଘର ଥିବା ସ୍ଥାନରେ ୬ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଲୋକେ । ଯଦି ଏହି ସ୍ଥାନଗୁଡ଼ିକରେ ରାସ୍ତା ନିର୍ମାଣ ହୋଇପାରିଛି, ତେବେ କୋକଲ ଗ୍ରାମର ତିନୋଟି ମଧ୍ୟବିତ୍ତ ପରିବାରର ଯାତାୟାତ ସମସ୍ୟା ଦୂର କରିବା ପାଇଁ ହେଉଥିବା ରାସ୍ତା ନିର୍ମାଣକୁ ବିରୋଧ କରିବାର ଯୁକ୍ତି କ'ଣ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । କେନାଲ ବନ୍ଧ ଉପରେ ନିର୍ମାଣ ହେଉଥିବା ରାସ୍ତାକୁ ବିଲଡର୍ସଙ୍କ ରାସ୍ତା ବୋଲି ଅଭିହିତ କରିବା ହାସ୍ୟାସ୍ପଦ ବୋଲି ଅଞ୍ଚଳବାସୀ କହିଛନ୍ତି । ବିଧାୟକ ଛବି ମଲ୍ଲିକଙ୍କ ଏହି ଜନସମସ୍ୟା ସମାଧାନମୂଳକ ପଦକ୍ଷେପକୁ ତୁଷାର କୁମାର ଜେନା, ଉମେଶ ବାରିକ, କୈଳାସ ତ୍ରିପାଠୀ, ସତ୍ୟାନନ୍ଦ ପାଣି, ଗୋକୁଳାନନ୍ଦ ଦାସ, ସତ୍ୟନାରାୟଣ ପାତ୍ର ଓ ସ୍ନେହାଶିଷ ଦାସଙ୍କ ସମେତ ବହୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି ।

ପୂର୍ବ ତଟ ରେଳପଥ

(1) ଟେଣ୍ଡର ସଂ. eTender-CENTKUR-185-2026
ବିବରଣୀ : ଡିପୋଜିଟ୍ ୱିମ ଅଧିନରେ 3 ବର୍ଷ ଅବଧି ନିମନ୍ତେ ମହାନଦୀ କୋଲ ଫିଲ୍ଡସ ଲିମିଟେଡ ସାଲତିଙ୍ଗି, ତାଲଚେର (ଲିଙ୍ଗରାଜ ସାଇଲୋକୁ ବ୍ୟାପଟିଭ୍ ଲାଇନ (ତାଳଚେର NTPC) ସହିତ ସଂଯୋଗ କରୁଥିବା MCL ସାଲତିଙ୍ଗି ଏବଂ ଲିଙ୍ଗରାଜ ସାଇଲୋ ସହିତ ତେଇଜଦେବା ସାଲତିଙ୍ଗି ଓ ଲିଙ୍ଗରାଜ ସ୍ଥିତ DB-2 ସାଲତିଙ୍ଗି ମଧ୍ୟରେ ରେଳ ସଂଯୋଗ)ଠାରେ ଟ୍ରାକର ରକ୍ଷଣାବେକ୍ଷଣ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ।
ଆନୁମାନିକ ମୂଲ୍ୟ : ₹ 825.33 ଲକ୍ଷ, EMD : ₹ 16,50,700/-

(2) ଟେଣ୍ଡର ସଂ. e-tender-CENTKUR-186-2026
ବିବରଣୀ : ଖୋର୍ଦ୍ଧା ରୋଡ ମଣ୍ଡଳର କୁଡ଼ାପଙ୍କ ଷ୍ଟେସନଠାରେ ଏପ୍ରୋଚ ଟ୍ରାକର ଏବଂ ଷ୍ଟେସନ ଭବନକୁ ଜଳ ଯୋଗାଣର ପ୍ରସ୍ତାବିତ ବ୍ୟବସ୍ଥା ।
ଆନୁମାନିକ ମୂଲ୍ୟ : ₹ 48.30 ଲକ୍ଷ, EMD : ₹ 96,600/-

(3) ଟେଣ୍ଡର ସଂ.e-tender-CENTKUR-187-2026
ବିବରଣୀ : ଖୋର୍ଦ୍ଧା ରୋଡ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଭୁବନେଶ୍ୱର ପରିସୀମା କ୍ଷେତ୍ରରେ ସିନିୟର ସେକ୍ସନ ଇଞ୍ଜିନିୟର (P. WAY)/ଭୁବନେଶ୍ୱର ଅଧିନସ୍ଥ ଭୁବନେଶ୍ୱର କୋଚିଙ୍ଗ କମ୍ପ୍ଲେକ୍ସ ଯାର୍ଡ, ମଞ୍ଚେଶ୍ୱର ରେଲବଦା ଏବଂ ମଗାମାଟି ଜାଉଖାନା ଗଡା ମଞ୍ଚେଶ୍ୱର ଏକ୍ସଟେଞ୍ଜ ଯାର୍ଡରେ ବିବିଧ P. WAY କାର୍ଯ୍ୟ ।
ଆନୁମାନିକ ମୂଲ୍ୟ : ₹ 84.29 ଲକ୍ଷ, EMD : ₹ 1,68,600/-

ଶେଷ ହେବା ଅବଧି : 36 (ଛତିଶି) ମାସ (ଭ୍ରମ ସଂ. 1 ପାଇଁ), 12 (ବାର) ମାସ (ଭ୍ରମ ସଂ. 2 ପାଇଁ) ଏବଂ 16 (ଷୋହଳ) ମାସ (ଭ୍ରମ ସଂ. 3 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 20.11.2026, 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକାଦୋହିୟର/ଫାକ୍ସ ମାଧ୍ୟମରେ ଜିନ୍ଦା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିତାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ସୁଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିତ୍ରମାନଙ୍କ ପାଖରେ ନିର୍ଦ୍ଧିଷ୍ଟ ରା

୧୦ 30th ANNIVERSARY
ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ଗୁରୁବାର, ୧୨ ନଭେମ୍ବର ୨୦୨୬
ତ୍ରିଂଶତମ ବିଶେଷାଙ୍କ

ସେଣ୍ଟ ଜାଭିୟର୍ସ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର

ପରିଚାଳନା କ୍ଷମତା ଉପରେ ସରକାରୀ ହସ୍ତକ୍ଷେପକୁ ହାଇକୋର୍ଟଙ୍କ ନା

ଆଠଗଡ଼, ନୂଆବଜାର ଓ ବାରାବାଟି ୫ ରେ ଟ୍ରଷ୍ଟର କ୍ଷମତା ବଳବତ୍ତର

କଟକ, (ସବ୍ୟୁ): ସେଣ୍ଟ ଜାଭିୟର୍ସ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ପରିଚାଳନା ଓ ପ୍ରଶାସନିକ କ୍ଷମତା ଉପରେ ସରକାରୀ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିଦେଇଛନ୍ତି।ଘରୋଇ ଶିକ୍ଷାନୁଷ୍ଠାନର ପରିଚାଳନାଗତ ବିବାଦରେ ପ୍ରଶାସନ ହସ୍ତକ୍ଷେପ କରିବା ଏହାର ସାମ୍ବିଧାନିକ କ୍ଷମତା ପରିସର ବାହାରେ ବୋଲି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ମତ ଦେଇଛନ୍ତି। ତେବେ ବିଦ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳା ଓ ଆଇନଶୃଙ୍ଖଳା ବଜାୟ ରଖିବା ଲାଗି ପ୍ରଶାସନକୁ ଦିଆଯାଇଥିବା ନିର୍ଦ୍ଦେଶ କାଏମ ରହିଛି। ହାଇକୋର୍ଟ ର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ସେଣ୍ଟ ଜାଭିୟର୍ସ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କରାଯାଇଥିବା ରିଟ ଅପିଲର ବିଚାର କରି ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ଜଣକିଆ ବିଚାରପତିଙ୍କ ଇଜିଲାସରେ ବିଚରାଧୀନ ମୂଳ ମାମାଲାର ଫଇସଲା ତୁରନ୍ତ ଶେଷ କରିବାକୁ ହାଇକୋର୍ଟ ମନା କରିଦେଇଛନ୍ତି।ଘରୋଇ ଶିକ୍ଷାନୁଷ୍ଠାନର ପରିଚାଳନାଗତ ବିବାଦରେ ପ୍ରଶାସନ ହସ୍ତକ୍ଷେପ କରିବା ଏହାର ସାମ୍ବିଧାନିକ କ୍ଷମତା ପରିସର ବାହାରେ ବୋଲି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ମତ ଦେଇଛନ୍ତି। ତେବେ ବିଦ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳା ଓ ଆଇନଶୃଙ୍ଖଳା ବଜାୟ ରଖିବା ଲାଗି ପ୍ରଶାସନକୁ ଦିଆଯାଇଥିବା ନିର୍ଦ୍ଦେଶ କାଏମ ରହିଛି। ହାଇକୋର୍ଟ ର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ସେଣ୍ଟ ଜାଭିୟର୍ସ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କରାଯାଇଥିବା ରିଟ ଅପିଲର ବିଚାର କରି ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ଜଣକିଆ ବିଚାରପତିଙ୍କ ଇଜିଲାସରେ ବିଚରାଧୀନ ମୂଳ ମାମାଲାର ଫଇସଲା ତୁରନ୍ତ ଶେଷ କରିବାକୁ ଆଦେଶରେ ସ୍ପଷ୍ଟ କରିଛନ୍ତି। ଫଳରେ ଆଠଗଡ଼, ବାରବାଟୀ ୫ ଓ ନୂଆବଜାର ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହେବା ସ୍ପଷ୍ଟ ହୋଇଛି। ଅପରପକ୍ଷେ ଏଥିରେ ବିବାଦ କରି ବିଶୃଙ୍ଖଳା ସୃଷ୍ଟି କରୁଥିବା ଜି ଏସ ପଟ୍ଟନାୟକଙ୍କୁ ଅଦାଲତି ଝଟକା ଲାଗିଛି।ଆବେଦନକାରୀ ଟ୍ରଷ୍ଟ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ମହାନ୍ତିଙ୍କ ଯୁକ୍ତିକୁ ବିଚାରକୁ ନେଇ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସ ଦୁଇଟି ପୃଥକ ଆଇନଗତ ସଂସ୍ଥା ଦ୍ୱାରା ପରିଚାଳିତ। ୧୯୯୯ ମସିହାରେ ପଞ୍ଜୀକୃତ ସେଣ୍ଟ ଜାଭିୟର୍ସ ଏଜୁକେସନାଲ ସୋସାଇଟି ଦୁଇଟି ବିଦ୍ୟାଳୟ ବାରବାଟୀ ସେଣ୍ଟ ଜାଭିଅର ଓ କୃଷ୍ଣାମୂର୍ତ୍ତି ୱାର୍ଲଡ ସ୍କୁଲ ପରିଚାଳନା କରୁଥିବାବେଳେ ୨୦୦୬ ମସିହାରେ ପଞ୍ଜୀକୃତ ସେଣ୍ଟ ଜାଭିୟର୍ସ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ନୟାବଜାର, ବାରବାଟୀ ଷ୍ଟାଡିୟମ ଗ୍ୟାଲେରି ନଂ-୫ ଓ ଆଠଗଡ଼କୁ ମିଶାଇ ତିନୋଟି ବିଦ୍ୟାଳୟ ପରିଚାଳନା କରୁଛି।ଟ୍ରଷ୍ଟର ସଂଶୋଧିତ ଡିଡ୍ ଅନୁଯାୟୀ ଟ୍ରଷ୍ଟିଙ୍କ ନିଯୁକ୍ତି ଓ ବହିଷ୍କାରକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିଥିଲା। ଟ୍ରଷ୍ଟର ପରିଚାଳନା ଅଧିକାରକୁ ନେଇ ଉଭୟ ପକ୍ଷ ନିଜ ନିଜ ଦାବି ଉପସ୍ଥାପନ କରିଥିଲେ। ଏହି ବିବାଦ ନେଇ ଜିଲ୍ଲା ଜଜ୍ କଟକଙ୍କ ଅଦାଲତରେ ଆର୍ବିଟ୍ରେସନ ଆଣ୍ଡ କନସିଲିଏସନ ଆଇନର ଧାରା-୯ ଅନୁଯାୟୀ ମାମଲା ରୁଜୁ ହୋଇଥିବାବେଳେ ଏହାର ଗ୍ରହଣୀୟତାକୁ ନେଇ ହାଇକୋର୍ଟରେ ଅନ୍ୟ ଏକ ମାମଲା ମଧ୍ୟ ବିଚାରାଧୀନ ରହିଛି।ଏହି ବିବାଦ କ୍ରମେ ବିଦ୍ୟାଳୟ ପରିଚାଳନା, ଅଧ୍ୟକ୍ଷଙ୍କୁ ହଟାଇବା ଓ କର୍ମଚାରୀଙ୍କ ନିଯୁକ୍ତିକୁ ନେଇ ତୀବ୍ର ହୋଇଥିଲା। ଏପରିକି ଏକାଧିକ ଏତଲା ମଧ୍ୟ ରୁଜୁ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଆଠଗଡ଼ ଉପଜିଲ୍ଲାପାଳ ଗତ ମେ' ୧୨ ତାରିଖରେ ଏକ ବୈଠକ ଡାକି ଉଭୟ ପକ୍ଷଙ୍କୁ ବିଦ୍ୟାଳୟର ସ୍ୱାଭାବିକ କାର୍ଯ୍ୟରେ ବାଧା ନଦେବା, ଜବରଦସ୍ତ ପ୍ରବେଶ ନକରିବା, ତାଲା ନପକାଇବା ଏବଂ ଅଧ୍ୟକ୍ଷ କିମ୍ବା କର୍ମଚାରୀଙ୍କୁ ଜବରଦସ୍ତ ପରିବର୍ତ୍ତନ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ।ଉପଜିଲ୍ଲାପାଳଙ୍କ ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟରେ ରିଟ୍ ପିଟିସନ ଦାଖଲ ହୋଇଥିଲା। ଏହାର ବିଚାର ସମୟରେ ସିଙ୍ଗଲ ବେଞ୍ଚ କେବଳ ଆଇନଶୃଙ୍ଖଳା ବଜାୟ ରଖିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।ତେବେ ଉପଜିଲ୍ଲାପାଳଙ୍କ ପରିଚାଳନାଗତ ନିର୍ଦ୍ଦେଶ ଉପରେ ରୋକ୍ ଲଗାଇନଥିବାରୁ ଟ୍ରଷ୍ଟ ପକ୍ଷରୁ ଏହା ବିରୋଧରେ ରିଟ୍ ଅପିଲ ଦାଖଲ କରାଯାଇଥିଲା। ଅପିଲର ଶୁଣାଣି ସମୟରେ ଖଣ୍ଡପୀଠ କହିଥିଲେ ଯେ, ଶିକ୍ଷା ଏକ ସାର୍ବଜନୀନ ଦାୟିତ୍ୱ ହୋଇଥିଲେ ମଧ୍ୟ ଘରୋଇ ଶିକ୍ଷାନୁଷ୍ଠାନର ଆଭ୍ୟନ୍ତରୀଣ ପରିଚାଳନା ଓ ପ୍ରଶାସନିକ ବିବାଦ ଏକ ବ୍ୟକ୍ତିଗତ ଆଇନଗତ ବିବାଦ। ଏହାର ସମାଧାନ ପାଇଁ ସିଭିଲ୍ କୋର୍ଟ ଓ ଆଇନସମ୍ମତ ବିଚାର ବ୍ୟବସ୍ଥା ରହିଛି। ଘରୋଇ ସ୍କୁଲ କ୍ଷେତ୍ରରେ ସରକାରୀ କ୍ଷମତାର ପରିସର ଏବଂ ସାର୍ବଜନୀନ କାର୍ଯ୍ୟର ସୀମା ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ବିଭିନ୍ନ ରାୟକୁ ମଧ୍ୟ ଖଣ୍ଡପୀଠ ଉଦ୍ଧୃତ କରିଥିଲେ।ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷାର ଗୁଣବତ୍ତା, ଭିତ୍ତିଭୂମି ଓ ଶିକ୍ଷା ପରିବେଶ ସମ୍ପର୍କରେ ସରକାରୀ ନିୟନ୍ତ୍ରଣର ପରିସରଭୁକ୍ତ ହୋଇପାରନ୍ତି। ମାତ୍ର ଏହି ଆଧାରରେ ସେମାନଙ୍କ ଆଭ୍ୟନ୍ତରୀଣ ପରିଚାଳନା ଓ ଟ୍ରଷ୍ଟିଙ୍କ ମଧ୍ୟରେ ଥିବା ବିବାଦରେ ପ୍ରଶାସନ ହସ୍ତକ୍ଷେପ କରିପାରିବ ନାହିଁ ବୋଲି ଖଣ୍ଡପୀଠ ମତ ରଖିଛନ୍ତି । ଏହି ପରିପ୍ରେକ୍ଷୀରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟର ପରିଚାଳନା ଓ ପ୍ରଶାସନିକ ଉପରେ ଜାହିର କ୍ଷମତା ଉପରେ ହାଇକୋର୍ଟ ରୋକ୍ ଲଗାଇଛନ୍ତି।

ବିଲ୍ଡରଙ୍କ ଦାଦାଗିରି

କ୍ୟାମ୍ପସରେ ପଶି ହାଇଟେକ୍ କର୍ମଚାରୀଙ୍କୁ ଧମକଚମକ, ଥାନାରେ ମାମଲା

ଭୁବନେଶ୍ୱର, (ସବ୍ୟୁ) : ହାଇଟେକ୍ କ୍ୟାମ୍ପସ ଭିତରେ ପଶି ଜମି ମାଫିଆ ତଥା ଜନୈକ ବିଲଡର ଆତଙ୍କରାଜ ସୃଷ୍ଟି କରିଥିବା ହାଇଟେକ୍ ହସ୍ପିଟାଲ ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ କିଛିବର୍ଷ ତଳେ ଏକ ଜମି ଦେବାକୁ କହି ଉକ୍ତ ବିଲ୍ଡର ଓ ତାଙ୍କ ପିତା ୫ କୋଟି ଟଙ୍କା ଅଗ୍ରିମ ନେଇ ଏଗ୍ରିମେଣ୍ଟ କରି ଜମି ଭୋଗ ଦଖଲକୁ ଦେଇଥିଲେ। ତେବେ ବାରମ୍ବାର ଅନୁରୋଧ ସତ୍ତ୍ୱେ ଜମି ରେଜିଷ୍ଟ୍ରେସନ କରନିଥିଲେ। ଏହାପରେ ହାଇଟେକ୍ କର୍ତୃପକ୍ଷ ୪ଟିସର୍ଭିସ ସୁଟ୍ କରବି। ସହ ଉକ୍ତ ବିଲ୍ଡର ଓ ତାଙ୍କ ନିକଟକୁ ନୋଟିସ୍ ପଠାଇଥିଲେ। ତଥାପି ସେମାନେ ଜମି ରେଜିଷ୍ଟ୍ରେସନ କରିନଥିଲେ। ପରେ କିଛି ଜମି ମାଫିଆଙ୍କ ପ୍ରରୋଚନାରେ ପଡି ଦଖଲ ଭୋଗ ଜମିକୁ ପୁଣି ସ୍ୱସ୍ତି ଇନଫ୍ରାକନ୍ ର ବଲିଡରଙ୍କୁ ଦେଇ ଟଙ୍କା ନେଇଯାଇଥିଲେ। ଗତ ୪ମାସ ହେଲା ଭୋଗ ଦଖଲରେ ଥିବା ଜମିକୁ ସେମାନେ ଅକ୍ତିଆର କରିବାକୁ ଚେଷ୍ଟା କରି ବିଫଳ ହେବା ପରେ, ଉକ୍ତ ବିଲ୍ଡର କ୍ୟାମ୍ପସ ଭିତରେ



ପଶି ଗଣ୍ଡଗୋଳ ସୃଷ୍ଟି କରୁଥିବା ସହ କ୍ୟାମ୍ପସ ଭିତରେ ଥିବା ଷ୍ଟାଫଙ୍କୁ କିଛି ସମାଜ ବିରୋଧୀ ଲୋକଙ୍କ ଦ୍ୱାରା ଧମକଚମକ ଦେବା ସହ ଭୟଭୀତ କରୁଥିବା ଅଭିଯୋଗ ହୋଇଛି। ଘଟଣା ସ୍ଥଳରେ ହାଇଟେକ୍ ପ୍ରାଶାସନିକ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର ପହଞ୍ଚିବାରୁ ତାଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିଲେ ବଲିଡର ଓ ତାଙ୍କ ଗୁଣ୍ଡା ମାନେ। ପରେ ମେଡିକାଲ ଅଧ୍ୟକ୍ଷ ଓ ଏ ସଂପର୍କରେ ସ୍ଥାନୀୟ ଥାନାରେ ୪ଟି ମାମଲା ଦାୟର କରିଛନ୍ତି। କ୍ୟାମ୍ପସ ମଧ୍ୟରେ ଅନଧିକାର ଭାବରେ ପଶି ଦୁଇଜଣ ବିଲଡର କିଛି ଜମିମାଫିଆ ଓ ଗୁଣ୍ଡାଶ୍ରେଣୀର ଲୋକଙ୍କୁ ଧରି ହାଇଟେକ୍ କ୍ୟାମ୍ପସରେ ଆତଙ୍କରାଜ ସୃଷ୍ଟି କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ପ୍ରଶାସନ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ ନକଲେ, ହାଇଟେକ୍ କର୍ମଚାରୀ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। କ୍ୟାମ୍ପସରେ ଗୁଣ୍ଡାଗିରିଓ ଅରାଜକତାକୁସ୍ଥାନୀୟ ବାସନ୍ଦା ଓ କର୍ମଚାରୀ ମହାସଂଘ ପକ୍ଷରୁ ନିନ୍ଦା କରାଯାଇଛି।

ଭୁବନେଶ୍ୱରରେ ଆୟୋଜିତ ହେବ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ

ଭୁବନେଶ୍ୱର, (ସବ୍ୟୁ) : ଭାରତର 'ମନ୍ଦିରମାଳିନୀ ସହର' ଭାବେ ପରିଚିତ ଭୁବନେଶ୍ୱର, ଏହାର ସାଂସ୍କୃତିକ ଓ ଚଳଚ୍ଚିତ୍ର ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ଓଡିଶାରେ ପ୍ରଥମ କରି ଆରମ୍ଭ ହେବାକୁ ଯାଉଛି ଭୁବନେଶ୍ୱର ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ବିଆଇଏଫଏଫ) ୨୦୨୬' । ଏହା ମାଧ୍ୟମରେ ଏକ ବିଶ୍ୱସ୍ତରୀୟ ମଞ୍ଚ ପ୍ରସ୍ତୁତ ହେବ, ଯାହା ଚଳଚ୍ଚିତ୍ର କ୍ଷେତ୍ରରେ ଉତ୍କର୍ଷତା, ସାଂସ୍କୃତିକ ଆଦାନପ୍ରଦାନ ଏବଂ ଚଳଚ୍ଚିତ୍ରକୁ ଉପଭୋଗ କରିବା ପାଇଁ ଏକ ଉପଯୁକ୍ତ ପ୍ଲାଟଫର୍ମ। ଚଳଚ୍ଚିତ୍ର ନିର୍ମାତା ମାନସ ସାହୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବିଆଇଏଫଏଫ, ଓଡ଼ିଶାର ପ୍ରଥମ ବୃତ୍ତିଗତ ଭାବେ ଆୟୋଜିତ ଆନ୍ତର୍ଜାତୀୟ ପ୍ରତିଯୋଗିତାମୂଳକ ଚଳଚ୍ଚିତ୍ର ମହୋତ୍ସବ। ଯାହା



ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ଓ ମାନଦଣ୍ଡ ଦ୍ୱାରା ପରିଚାଳିତ ହେବ ଏବଂ ଚଳଚ୍ଚିତ୍ର ନିର୍ମାଣର ମୂଲ୍ୟାଙ୍କନ ତଥା ଉତ୍ସବ ପାଳନ ପାଇଁ ଏକ ସୁସଂଗଠିତ ବ୍ୟବସ୍ଥା ପ୍ରଦାନ କରିବ। "ଯେଉଁଠାରେ ଐତିହ୍ୟ ସିନେମା ସହ ମିଳିତ ହୁଏ" - ଏହି ବିଷୟବସ୍ତୁକୁ ଆଧାର କରି, ବିଆଇଏଫ୍ଏଫ୍ ବିଶ୍ୱକୁ ଭୁବନେଶ୍ୱର ସହ ଯୋଡ଼ିବା ସହ ଓଡ଼ିଶାର କାହାଣୀ, ଐତିହ୍ୟ ଏବଂ ସୃଜନଶୀଳ ପରିଚୟକୁ ବିଶ୍ୱ ଚଳଚ୍ଚିତ୍ର ସମ୍ପ୍ରଦାୟ ନିକଟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। ବିଆଇଏଫ୍ଏଫ୍ କେବଳ ଚଳଚ୍ଚିତ୍ର ପ୍ରଦର୍ଶନର ଏକ ମାଧ୍ୟମ ନୁହେଁ, ବରଂ ଏହା ଏକ ବୃତ୍ତିଗତ ଆନ୍ତର୍ଜାତୀୟ ପ୍ରତିଯୋଗିତା। ଏଠାରେ ଚଳଚ୍ଚିତ୍ର ନିର୍ମାତାମାନେ ନିଜର କଳାକୃତି ପ୍ରଦର୍ଶନ କରିବା ସହ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରର ଚଳଚ୍ଚିତ୍ର ସହ ପ୍ରତିଯୋଗିତାରେ ଭାଗ ନେଇପାରିବେ। ଏହି ମହୋତ୍ସବ ଓଡ଼ିଆ ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାରରେ ଯୋଗଦାନ ଦେବା ସହ ଚଳଚ୍ଚିତ୍ର ଅନୁଷ୍ଠାନ, ସାଂସ୍କୃତିକ ସଂଗଠନ, ଶିଳ୍ପ ସଂଘ ଏବଂ ସରକାରୀ ସଂସ୍ଥାଗୁଡ଼ିକର ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରିବାକୁ ମଧ୍ୟ ଲକ୍ଷ୍ୟ ରଖିଛି।

ମା' ଶ୍ୟାମାକାଳୀଙ୍କ ବାର୍ଷିକ ମହୋତ୍ସବ ଉଦ୍‌ଯାପିତ

କଟକ, (ସ୍ୱପ୍ର) : ଶିଖରପୁରସ୍ଥିତ ମା' ଶ୍ୟାମାକାଳୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମା'ଙ୍କ ବାର୍ଷିକ ମହୋତ୍ସବ ଓ ପଞ୍ଚଦଶତମ ଅଖଣ୍ଡ ଭଜନ ସମାରୋହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ମୁଖ୍ୟ ପୂଜକଙ୍କ ଦ୍ୱାରା ପ୍ରତ୍ୟହ ମା'ଙ୍କର ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଏଥିସହ ଓଡ଼ିଶାର ବହୁ ସୁନାମଧନ୍ୟ କଣ୍ଠଶିଳ୍ପୀ ଓ ବାଦ୍ୟଶିଳ୍ପୀ ଯୋଗଦେଇ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ । ଉତ୍ସବର ପ୍ରଥମ ଦିନ ନଭେମ୍ବର ୮ରେ ଅଖଣ୍ଡ ଭଜନ ସମାରୋହ ସହ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିବାବେଳେ ୯ ତାରିଖରେ ଓଡ଼ିଶୀ ନୃତ୍ୟ ସମେତ ବିଭିନ୍ନ ନୃତ୍ୟଗୀତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଉଦଯାପନୀ ଦିବସ ୧୦ ତାରିଖରେ ୨୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ



ପରିବେଷଣ ସହ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବରେ ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ଇଂ. ମହମ୍ମଦ ମୋକିମ, ସମାଜସେବୀ ରଞ୍ଜନ ବିଶ୍ୱାଳ, ୨୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ସୁବାସ ସାହୁ, ସ୍ୱପ୍ନ ଫାଉଣ୍ଡେସନର ସଦସ୍ୟ ସୁଧାଂଶୁ ପାତ୍ର, ସୁଜିତ ସେନାପତି, ବିଜେପି ମହିଳା ଉପସଭାନେତ୍ରୀ ଶର୍ମିଷ୍ଠା ପ୍ରିୟଦର୍ଶିନୀ, ବିଜେପି ନେତା ପ୍ରଫୁଲ୍ଲ ସ୍ୱାଇଁ, ବିଜେଡି କଟକଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ନୀଳମାଧବ ଖୁଣ୍ଟିଆ, ଚିରଞ୍ଜୀୟ ସାହୁ, ନରେନ୍ଦ୍ର ପାତ୍ର, ବିଶ୍ୱଜିତ ସୂର୍ଯ୍ୟବଂଶୀ, ଚାଉଳିଆଗଞ୍ଜ ପୂଜା କମିଟିର ସମ୍ପାଦକ ନିରଞ୍ଜନ ସାହୁ, ନୂଆବଜାର ପୂଜା କମିଟିର ସଭାପତି ବିଶ୍ୱନାଥ ସାହୁ ଓ ସମ୍ପାଦକ ଉମେଶ ସାହୁ, ମଙ୍ଗଳାବାଗ ପୂଜାକମିଟି ସଭାପତି, ସମ୍ପାଦକ, ସାମାଜିକ ସଂଗଠନ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟିର ମୁଖ୍ୟ ପରିଚାଳକ ଅଶୋକ କୁମାର ମହାନ୍ତି, ସଭାପତି ସୁକଦେବ ମହାନ୍ତି, ସମ୍ପାଦକ ସରୋଜ କୁମାର ମହାନ୍ତି, ତଳସାହି ଅଧିକାରୀ ଶରତ ଚନ୍ଦ୍ର ପ୍ରଧାନ ଓ ଉପରସାହି ଅଧିକାରୀ ଗଣେଶ ଚନ୍ଦ୍ର ରାଉତ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ ।

୩୦ଗ୍ରାମ ବ୍ରାଉନସୁଗର ଜବତ୍; ୩ଗିରଫ

ଖୋର୍ଦ୍ଧା, (ସବ୍ୟୁ) : ୧୬ନଂ ଜାତୀୟ ରାଜପଥ ର ଗଡଖୋର୍ଦ୍ଧା ଅନ୍ତରପାସ ନିକଟରେ ଆଜି ଶିଳ୍ପାଂଚଳ ପୁଲିସ ଚଢଉ କରି ୩ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ଶିଳ୍ପାଂଚଳ ଥାନା ଶାଗୁଆନ ବଗିଚା ର ଗଣେଷ ବେହେରା ଓରଫ ଗଣିଆ (୩୫), ଆଦର୍ଶ ଥାନା ଅନ୍ତର୍ଗତ ସାମନ୍ତରାପୁର ର ସତ୍ୟନାରାୟଣ ବେହେରା ଓରଫ୍ ନୀଲୁ (୩୫) ଓ ଗଞ୍ଜାମ ଜିଲ୍ଲା ଛତ୍ରପୁର ର ସତ୍ୟବାନ ବେହେରା ଓରଫ ସତ୍ୟ (୨୮)। ସେମାନଙ୍କ ଠାରୁ ପୁଲିସ ୩୦ ଗ୍ରାମ ଓଜନର ବ୍ରାଉନସୁଗର ଓ ଦୁଇଟି ମୋବାଇଲ ଫୋନ୍‌କୁ ଜବତ କରିଛି। ଜବତ୍ ବ୍ରାଉନସୁଗର ର ମୂଲ୍ୟ ୩ଲକ୍ଷ ହେବ ବୋଲି ପୁଲିସ ଆକଳନ କରିଛି। ସୂଚନା ଅନୁସାରେ,



ବୁଧବାର ଗଡଖୋର୍ଦ୍ଧା ଅନ୍ତରପାସ ନିକଟରେ ବ୍ରାଉନସୁଗର ବିକ୍ରୀ ହେଉଥିବା ଖବର ବିଶେଷ ସୂତ୍ରରୁ ପୁଲିସ ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ପି ପରମାର ସ୍ଥିଥ୍ ପର୍ଶୋତମ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ପଙ୍କଜ କୁମାର ମାଝୀ ଓ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଦିନ ପ୍ରାୟ ୧ଟାବେଳେ ଘଟଣାସ୍ଥଳରେ ଚଢଉ କରି ସେମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଏନେଇ ପୁଲିସ ୩୫୮/୨୬ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ଏହି ଚଢଉରେ ଏସ୍‌ଆଇ ପି.କେ. ସ୍ୱାଇଁ, ଏଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ରେଡ୍ଡି, କନଷ୍ଟବଲ ଅରବିନ୍ଦ ପୁରି, ସୁନୀଲ ଛୋଟରାୟ, ଅନୀତା ତରାଇ ପ୍ରମୁଖ ସାମିଲ ହୋଇଥିଲେ।

ଗଞ୍ଜାମ ବନ୍ୟା ପରିସ୍ଥିତି ,ପରିଚାଳନା ଉପରେ

ସରକାର ସ୍ପଷ୍ଟୀକରଣ ଦେଉନାହାନ୍ତି

ଭୁବନେଶ୍ୱର,(ସବ୍ୟୁ): ପୂର୍ବରୁ ଆଇଏମଡ଼ିର ବାରମ୍ବାର ପୂର୍ବାନୁମାନ ଓ ସତର୍କ ସୂଚନା ସତ୍ତ୍ୱେ ଗଂଜାମର ୬ଟି ଯାକ ଡ୍ୟାମରେ ତ୍ରୁଟିପୂର୍ଣ୍ଣ ଜଳ ପରିଚାଳନା ଯୋଗୁଁ ପ୍ରଳୟଙ୍କରୀ ବନ୍ୟା ହେଲା ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଓ ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର

ପିସିସିର ରିଲିଫ ବଣ୍ଟନ କାର୍ଯ୍ୟ ଆରମ୍ଭ

ତଥ୍ୟପ୍ରମାଣ ସହ ଉପସଂହାରରେ ପହଞ୍ଚିବା ପରେ ବୁଧବାର ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ଏହାର ସ୍ପଷ୍ଟୀକରଣ ଦେଇଛନ୍ତି । ସେ କହିଛନ୍ତି

ଇସ୍ରାଏଲର କ୍ରୁଜ୍ କ୍ଷେପଣାସ୍ତ୍ର 'ସୁପର ଆଇସ୍'

ଶତ୍ରୁ ଶିବିରରେ କମ୍ପନ



ତେଲ୍ ଅଭିଭ୍: ଇସ୍ରାଏଲର ପ୍ରମୁଖ ପ୍ରତିରକ୍ଷା ଉପକରଣ ନିର୍ମାତା ସଂସ୍ଥା 'ରାଫେଲ୍ ଆଡଭାନ୍ସଡ୍ ଡିଫେନ୍ସ ସିଷ୍ଟମ୍ସ' ବୁଧବାର ସକାଳେ ଏକ ଅତ୍ୟାଧୁନିକ ଦୂରଗାମୀ କ୍ରୁଜ୍ ମିସାଇଲ୍ 'ସୁପର୍ ଆଇସ୍'ର ଅନାବରଣ କରିଛି। ପୂର୍ବ ମିସାଇଲଗୁଡ଼ିକ ତୁଳନାରେ ଏହା ଅଧିକ ଓଜନର ବିସ୍ଫୋରକ ବହନ କରିବା ସହ ଦୂରଗାମୀ ସାମରିକ ଲକ୍ଷ୍ୟଭେଦ କରିବାର କ୍ଷମତା ରଖିଥିବା ନେଇ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସଂସ୍ଥାର ଦାବି ଅନୁଯାୟୀ, 'ସୁପର୍ ଆଇସ୍' ମିସାଇଲରେ 'ମାର୍କ ୮୩' ବୋମା ସହ ସାମଞ୍ଜସ୍ୟ ରଖିଥିବା ପ୍ରାୟ ୧,୦୦୦ ପାଉଣ୍ଡ ଓଜନର ୱାରହେଡ୍ ବ୍ୟବହାର କରାଯାଇପାରିବ। ଏହି ମିସାଇଲକୁ ଯୁଦ୍ଧବିମାନ, ନୌସେନା ଯୁଦ୍ଧପୋତ ଏବଂ ଭୂପୃଷ୍ଠସ୍ଥିତ ଲଞ୍ଚର ଭଳି ବିଭିନ୍ନ ପ୍ଲାଟଫର୍ମରୁ ନିକ୍ଷେପ କରାଯାଇପାରିବ, ଯାହା ସେନାକୁ ସର୍ବାଧିକ କାର୍ଯ୍ୟକ୍ଷମ ସ୍ୱାଧୀନତା ପ୍ରଦାନ କରିବ। ଏହା ପୂର୍ବରୁ ରାଫେଲ୍ ଦ୍ୱାରା ବିକଶିତ 'ଆଇସ୍ ବ୍ରେକର୍' ଏବଂ 'ସି ବ୍ରେକର୍' ମିସାଇଲଗୁଡ଼ିକ ୨୫୦ ପାଉଣ୍ଡର ୱାରହେଡ୍ ସହ ୩୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାକୁ ସକ୍ଷମ ଥିଲେ। ଯଦିଓ ରାଫେଲ୍ ପକ୍ଷରୁ 'ସୁପର୍ ଆଇସ୍' ର ପ୍ରକୃତ ଦୂରତା ବା ରେଞ୍ଜ୍ ସମ୍ପର୍କରେ ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ, ତଥାପି ଏହା ଜଟିଳ ସାମରିକ ଆବଶ୍ୟକତା ଏବଂ ପ୍ରତିକୂଳ ପରିବେଶରେ ଥିବା ସାମରିକ ଲକ୍ଷ୍ୟଗୁଡ଼ିକୁ ସଠିକ୍ ଭାବେ ଧ୍ୱଂସ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ମିସାଇଲରେ ସ୍ୱୟଂଚାଳିତ ନାଭିଗେସନ୍, କମ୍ ଉଚ୍ଚତାରେ ଭୂପୃଷ୍ଠକୁ ସମାନ୍ତର କରି ଉଡ଼ିବାର କ୍ଷମତା ଏବଂ ସବୁପ୍ରକାର ପାଣିପାଗରେ ନିର୍ଭୁଲ୍ ପ୍ରହାର କରିବାର ସୁବିଧା ରହିଛି।

ଆର୍ଜେଣ୍ଟିନାର ଦୁଇ ବାହିନୀକୁ ଆତଙ୍କୀ ସଂଗଠନ ଘୋଷଣା



ତେହେରାନ: ବ୍ୟୁନୋସ ଆୟର୍ସ ଇରାନର ଇସଲାମିକ୍ ରେଭଲ୍ୟୁସନ ଗାର୍ଡସ କର୍ପସ (ଆଇଆରଜିସି)କୁ ଏକ ଆତଙ୍କବାଦୀ ସଂଗଠନ ଭାବରେ ଉପସ୍ଥାପନ କରିବା ପରେ ଇରାନର ବୈଦେଶିକ ମନ୍ତ୍ରଣାଳୟ ଏହାର ଜବାବରେ ଆର୍ଜେଣ୍ଟିନାର ନୌସେନା ଏବଂ ବାୟୁସେନାକୁ ଆତଙ୍କବାଦୀ ସଂଗଠନ ଭାବରେ ଘୋଷଣା କରିଛି। ବୁଧବାର ଜାରି ଏକ ବିବୃତିରେ ଇରାନର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଆର୍ଜେଣ୍ଟିନା ସରକାର ଆନ୍ତର୍ଜାତୀୟ ଆଇନର ମୌଳିକ ନୀତିର ଉଲ୍ଲଂଘନ କରି ଇସଲାମିକ୍ ଗଣରାଜ୍ୟର ସରକାରୀ ସଶସ୍ତ୍ର ବାହିନୀକୁ ଆତଙ୍କବାଦୀ ସଂଗଠନ ଭାବରେ ନାମିତ କରି ଇରାନ ବିରୋଧରେ ଏକ ଶତ୍ରୁତାପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଇରାନର ନିଷ୍ପତ୍ତି ପାରସ୍ପରିକତାର ନୀତି ଏବଂ ୨୦୧୯ର ଆମେରିକା ଦ୍ୱାରା ଇସଲାମିକ ରେଭଲ୍ୟୁସନ ଗାର୍ଡସ କର୍ପସକୁ ଏକ ଆତଙ୍କବାଦୀ ସଂଗଠନ ଭାବରେ ଘୋଷଣା କରାଯିବାର ଜବାବରେ ପ୍ରତିକାର ଶୀର୍ଷକ ଆଇନ ଉପରେ ଆଧାରିତ। ଆଇନ ଅନୁଯାୟୀ, ଯେଉଁ ଦେଶ ଆଇଆରଜିସିକୁ ଆତଙ୍କବାଦୀ ସଂଗଠନ ଭାବରେ ଘୋଷଣା କରି ଆମେରିକାର ନିଷ୍ପତ୍ତିକୁ ସମର୍ଥନ କରିବେ ସେମାନଙ୍କ ବିରୋଧରେ ପାରସ୍ପରିକ ପଦକ୍ଷେପ ନିଆଯିବ। ତେଣୁ, ଇରାନ ଆର୍ଜେଣ୍ଟିନାର ନୌସେନା ଏବଂ ବାୟୁସେନାକୁ ଆଇନର ବ୍ୟବସ୍ଥା ଅନୁଯାୟୀ ବିଚାର କରି ଉଭୟ ସାମରିକ ଶାଖାକୁ ଆତଙ୍କବାଦୀ ସଂଗଠନ ଭାବରେ ନାମିତ କରିଛି ବୋଲି ବିବୃତିରେ କୁହାଯାଇଛି। ବୈଦେଶିକ ମନ୍ତ୍ରଣାଳୟ ଜୋର୍ ଦେଇ କହିଛି ଯେ, ଏହି ପଦକ୍ଷେପ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ତ ପରିଣାମ ପାଇଁ ଆର୍ଜେଣ୍ଟିନା ସରକାର ଉତ୍ତରଦାୟୀ ରହିବେ।

ଏନସିପିର ମିଶ୍ରଣ ନେଇ ଚର୍ଚ୍ଚା

ମୁମ୍ବାଇ: ମହାରାଷ୍ଟ୍ରରେ ଏନ୍ସିପିର ଦୁଇ ଗୋଷ୍ଠୀ ମଧ୍ୟରେ ପୁଣି ମିଶ୍ରଣ ହେବା ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ଏହି ପ୍ରସଙ୍ଗରେ ବୁଧବାର ମୁହଁ ଖୋଲିଛନ୍ତି ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ତଥା ଏନ୍ସିପି (ଅଜିତ ପାୱାର) ଗୋଷ୍ଠୀର ସଭାପତି ସୁନେତ୍ରା ପାୱାର। ଦଳର ମିଶ୍ରଣ ସମ୍ପର୍କରେ ସିଧାସଳଖ କୌଣସି ଉତ୍ତର ନଦେଇ ସେ କହିଛନ୍ତି, ସମୟ ଆସିଲେ ସବୁ କିଛି ସ୍ପଷ୍ଟ ହୋଇଯିବ।

ସାଇବର ଠକେଇ: ଜୀବନ ହାରିଲେ ମହିଳା

ଜୟପୁର: ରାଜସ୍ଥାନର ଝାଲାୱାଡ଼ରେ ସାଇବର ଠକେଇ ଓ ଧମକର ଶିକାର ହୋଇ ଜଣେ ୫୬ ବର୍ଷୀୟ ମହିଳା ଆତ୍ମହତ୍ୟା କରିଛନ୍ତି। ତାଙ୍କଠାରୁ ପ୍ରାୟ ୧୩ ଲକ୍ଷ ଟଙ୍କା ଠକିବା ସହ ପୁଅକୁ ଅପରାଧିକ ମାମଲାରେ ଫସାଇଦେବାକୁ ଧମକ ଦେଉଥିଲେ ଠକମାନେ। ଏହି ଘଟଣାରେ ବିହାରରୁ ତିନି ଜଣ ନାବାଳକଙ୍କ ସମେତ ମୋଟ ୬ ଜଣଙ୍କୁ ପୁଲିସ ଗିରଫ କରିଛି। ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତମାନେ ପ୍ରଥମେ ପୁରୁଣା ମୁଦ୍ରା କିଣିବା ବାହାନାରେ ମହିଳାଙ୍କ ସହ ଯୋଗାଯୋଗ କରିଥିଲେ। ଏଥିପାଇଁ ମୋଟା ଅଙ୍କର ଟଙ୍କା ଦେବାର ପ୍ରଲୋଭନ ଦେଖାଇଥିଲେ। ମହିଳା ଜଣକ ସେମାନଙ୍କ କଥାରେ ବିଶ୍ୱାସ କରି ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ପଠାଇଥିଲେ। କିନ୍ତୁ ପ୍ରତିଶ୍ରୁତି ଅନୁସାରେ ଟଙ୍କା ନ ମିଳିବାରୁ ସେ ନିଜ ଟଙ୍କା ଫେରସ୍ତ ମାଗିଥିଲେ।

ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଭାରତ ବିଶ୍ୱସ୍ତରରେ ନେତୃତ୍ୱ ନେଇଛି: ଡ. ମିଶ୍ର



କୋଝିକୋଡେ: ଜଳବାୟୁ ପରିବର୍ତ୍ତନ, ସହନଶୀଳ କୃଷି, ଖାଦ୍ୟ ସୁରକ୍ଷା ଓ ପୁଷ୍ଟିସାଧନ ଭଳି ପରସ୍ପର ସମ୍ପର୍କିତ ଆହ୍ୱାନର ମୁକାବିଲା ପାଇଁ ବୈଜ୍ଞାନିକ ଗବେଷଣା, ସଠିକ୍ ତଥ୍ୟ ଓ ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣ ମଧ୍ୟରେ ଅଧିକ ସମନ୍ୱୟ ଆବଶ୍ୟକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର। ଆଇଆଇଏମ୍ କୋଝିକୋଡ୍ରେ ଆୟୋଜିତ ବିକାଶ ପାଇଁ ପରିବେଶ ନେଟୱର୍କ (ଇଏଫ୍ଡି)ର ୨୦ତମ ବାର୍ଷିକ ସନ୍ନିଳନୀର ଉଦ୍ଘାଟନୀ ଅଧିବେଶନକୁ ଭିଡିଓ କନ୍ଫରେନ୍ସିଂ ଜରିଆରେ ସମ୍ବୋଧିତ କରି ଡ. ମିଶ୍ର କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନକୁ କେବଳ ପରିବେଶ ସମ୍ପର୍କିତ ସମସ୍ୟା ଭାବେ ଦେଖିବା ଉଚିତ ନୁହେଁ। ଏହା କୃଷି ଉତ୍ପାଦନ, ଜଳ ଉପଲବ୍ଧତା, ଖାଦ୍ୟ ମୂଲ୍ୟ, ଜନସ୍ୱାସ୍ଥ୍ୟ ଓ ଜୀବିକା ଉପରେ ପ୍ରଭାବ ପକାଉଛି।ପାରମ୍ପରିକ ଖାଦ୍ୟ ସୁରକ୍ଷା ମାପଦଣ୍ଡଠାରୁ ଆଗକୁ ବଢ଼ିବାର ଆବଶ୍ୟକତା ଉପରେ ଜୋର୍ ଦେଇ ସେ କହିଥିଲେ ଯେ, କେବଳ ପର୍ଯ୍ୟାପ୍ତ ଖାଦ୍ୟ ଉତ୍ପାଦନ କରିବା ଯଥେଷ୍ଟ ନୁହେଁ। ସମସ୍ତଙ୍କ ପାଇଁ ସୁଲଭ ମୂଲ୍ୟରେ ବିଭିନ୍ନ ପ୍ରକାରର ପୁଷ୍ଟିକର ଖାଦ୍ୟ ଉପଲବ୍ଧ କରାଇବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଜଳବାୟୁ ପରିବର୍ତ୍ତନଜନିତ ପ୍ରତିବନ୍ଧକ ଯୋଗୁଁ ଡାଲି, ଫଳ, ପନିପରିବା, କ୍ଷୀର ଓ ଅନ୍ୟାନ୍ୟ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟର ଉପଲବ୍ଧତା ଓ ମୂଲ୍ୟ ପ୍ରଭାବିତ ହୋଇପାରେ।ଫସଲ ବିବିଧୀକରଣର ଗୁରୁତ୍ୱ ଉପରେ ଆଲୋକପାତ କରି ଡ. ମିଶ୍ର ୨୦୨୩ ମସିହାକୁ ମିଳିତ ଜାତିସଂଘ ପକ୍ଷରୁ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବେ ଘୋଷଣା କରାଇବାରେ ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପର ଉଲ୍ଲେଖ କରିଥିଲେ। ଏହି ପଦକ୍ଷେପ ମିଲେଟ୍ର ପୁଷ୍ଟିକର ଗୁଣ ଓ ପରିବେଶ ଅନୁକୂଳ ବିଶେଷତ୍ୱକୁ ବିଶ୍ୱସ୍ତରରେ ପରିଚିତ କରାଇବା ସହ ବିବିଧ ଓ ସୁଦୃଢ଼ ଖାଦ୍ୟ ବ୍ୟବସ୍ଥାରେ ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରିଛି।ଅଞ୍ଚଳଭିତ୍ତିକ ଜଳବାୟୁ ଅନୁକୂଳନ ରଣନୀତି ଗ୍ରହଣ ଉପରେ ଗୁରୁତ୍ୱ ଦେଇ ସେ କହିଥିଲେ ଯେ, ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍)ର ଜଳବାୟୁ ସହନଶୀଳ କୃଷି ପାଇଁ ଜାତୀୟ ନବସୃଜନ କାର୍ଯ୍ୟକ୍ରମ ଅଧୀନରେ କରାଯାଇଥିବା ଆକଳନ ଅନୁଯାୟୀ, ଦେଶର ୬୫୧ଟି କୃଷି ଜିଲ୍ଲା ମଧ୍ୟରୁ ୩୧୦ଟି ଜିଲ୍ଲା ଅଧିକ କିମ୍ବା ଅତ୍ୟଧିକ ଜଳବାୟୁଜନିତ ବିପଦପ୍ରବଣ ଭାବେ ଚିହ୍ନଟ ହୋଇଛି। ତେଣୁ ସବୁ ଅଞ୍ଚଳ ପାଇଁ ଗୋଟିଏ ପ୍ରକାର ନୀତି ଆପଣାଇବା ପରିବର୍ତ୍ତେ ସ୍ଥାନୀୟ କୃଷି ଓ ଜଳବାୟୁ ପରିସ୍ଥିତି ଅନୁଯାୟୀ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

ନୀତି ନିର୍ଦ୍ଧାରଣରେ ତଥ୍ୟର ଭୂମିକା ସମ୍ପର୍କରେ ଡ. ମିଶ୍ର କହିଥିଲେ ଯେ, କେବଳ ଅଧିକ ତଥ୍ୟ ସଂଗ୍ରହ କରିବା ପ୍ରାଥମିକତା ହେବା ଉଚିତ ନୁହେଁ। ବରଂ ତଥ୍ୟ ଠିକ୍ ସମୟରେ ଉପଲବ୍ଧ ହେବା ସହ ତାହା ବିଶ୍ୱସନୀୟ, ତୁଳନାଯୋଗ୍ୟ ଓ ବ୍ୟବହାର ଉପଯୋଗୀ ହେବା ଆବଶ୍ୟକ। ବର୍ଷାର ପରିମାଣ, ଜଳ ଉପଲବ୍ଧତା, ମୃତ୍ତିକାର ସ୍ଥିତି, ଫସଲ ଉତ୍ପାଦନ ଓ ପୁଷ୍ଟିସାଧନର ସ୍ଥିତି ଆଦିରେ ଥିବା ଆଞ୍ଚଳିକ ପାର୍ଥକ୍ୟ ଚିହ୍ନଟ କରିବା ପାଇଁ ଜିଲ୍ଲାସ୍ତରୀୟ ବିଭାଜିତ ତଥ୍ୟର ଅଧିକ ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଥିଲେ।

ରବି ଫସଲ ପାଇଁ ୬୨,୩୭୦ କୋଟିର ସାର ସବସିଡି



ନୂଆଦିଲ୍ଲୀ: ରବି ଫସଲ ଋତୁ ୨୦୨୬-୨୭ ପାଇଁ ଚାଷୀଙ୍କୁ ସାର ରିହାତି ଦରରେ ଯୋଗାଇ ଦେବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ୬୨,୩୭୦.୦୨ କୋଟି ଟଙ୍କାର ସବ୍ସିଡିକୁ କେନ୍ଦ୍ର କ୍ୟାବିନେଟ୍ର ମଞ୍ଜୁରି ମିଳିଛି। ଫସ୍ଫେଟ୍ ଓ ପଟାସ୍ ଯୁକ୍ତ (ପିଆଣ୍ଡକେ) ସାର ଉପରେ ପୋଷକତତ୍ତ୍ୱ ଆଧାରିତ ସବ୍ସିଡି (ଏନ୍ବିଏସ୍) ଯୋଜନାରେ ଏହି ରିହାତି ଦିଆଯିବ। ୨୦୨୬ ଅକ୍ଟୋବର ୧ରୁ ୨୦୨୭ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏହା ଲାଗୁ ହେବ। ଚଳିତ ରବି ଋତୁ ପାଇଁ ସାର ସବ୍ସିଡି ବାବଦରେ ପ୍ରାୟ ୬୨,୩୭୦ କୋଟି ଟଙ୍କା ଖର୍ଚ୍ଚ ହେବ। ଗତବର୍ଷ ରବି ଋତୁରେ ଏଥିପାଇଁ ୩୭,୯୫୨.୨୯ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିଲା। ଅର୍ଥାତ୍ ଗତବର୍ଷ ତୁଳନାରେ ଏଥର ସବ୍ସିଡି ବଜେଟ୍ ପ୍ରାୟ ୨୪,୪୧୭.୭୩ କୋଟି ଟଙ୍କା ବୃଦ୍ଧି ପାଇଛି। ଏହି ନିଷ୍ପତ୍ତି ଫଳରେ ଚାଷୀମାନେ ଡିଏପି ଏବଂ ଏନ୍ପିକେଏସ୍ ସମେତ ବିଭିନ୍ନ ପ୍ରକାରର ଫସ୍ଫେଟ୍ ଓ ପଟାସ୍ ଯୁକ୍ତ ସାର ରିହାତି ଦରରେ ପାଇପାରିବେ।

ଜମ୍ମୁ-କଶ୍ମୀରରେ ଆତଙ୍କୀ ହମଲା

ଶ୍ରୀନଗର: ଜମ୍ମୁ-କଶ୍ମୀରର କୁଲଗାମରେ ଆତଙ୍କବାଦୀ ହମଲା। ସିଆରପିଏଫ ଚେକ ପୋଷ୍ଟ ଉପରେ ଆତଙ୍କବାଦୀମାନେ କରିଛନ୍ତି ଆଖୁବୁଜା ଗୁଳିମାଡ଼। ବାଇକରେ ଆସିଥିବା ୨ ଜଣ ଆତଙ୍କବାଦୀ କରିଥିବା ହମଲାର କିଛି ଦୃଶ୍ୟ ଓ ଗୁଳିମାଡ଼ର ଶବ୍ଦ ସିସିଟିଭିରେ କଏଦ ହୋଇଛି।ମୀର ବଜାର ନିକଟ ଅଖରନ ସ୍ଥିତ ଯବାନଙ୍କ ଚେକପୋଷ୍ଟକୁ ଟାର୍ଗେଟ କରି ଆତଙ୍କବାଦୀମାନେ ମାତ୍ର ୧୫ ସେକେଣ୍ଡରେ ୩୦ ରାଉଣ୍ଡ ଗୁଳି ଚଳାଇଥିବା ସିସିଟିଭିରୁ ସ୍ପଷ୍ଟ ହୋଇଛି। ସିସିଟିଭିରେ କଏଦ ହୋଇଥିବା ଶବ୍ଦରୁ ଜଣାପଡୁଛି ଯେ ପ୍ରଥମେ ୧୫ ସେକେଣ୍ଡରେ ୩୦ ରାଉଣ୍ଡ ଗୁଳି ଚାଲୁଛି।ଏହାପରେ ଆହୁରି ୧୦ରୁ ୧୨ ରାଉଣ୍ଡ ଗୁଳି ଚାଲୁଥିବା ଜଣାପଡ଼ିଛି। ଗୁଳିମାଡ଼ ଯୋଗୁ ଛୋଟ ଛୋଟ ପଥର ଖଣ୍ଡ ଓ ଅନ୍ୟନ୍ୟ ଜିନିଷ କ୍ୟାମେରା ସାମ୍ନାରେ ଖସୁଥିବା ବି ଦେଖାଯାଉଛି। ଗୁଳିମାଡ଼ ସମୟରେ ପ୍ରଥମେ ଜଣେ ସିଆରପିଏଫ ଯବାନଙ୍କୁ ଦେଖିବାକୁ ମିଳୁଛି। ସେ ବନ୍ଦ ଥିବା କିଛି ଦୋକାନ ସାମ୍ନାରେ ବସିଛନ୍ତି।

ଆମେରିକା ବିମାନକୁ ପ୍ରବେଶ ଅନୁମତି ଦେଲାନି ପାକ୍

ସଲାମାବାଦ: ଆମେରିକାରେ ରହୁଥିବା ଇରାନୀ ପ୍ରବାସୀମାନଙ୍କୁ ଦେଶାନ୍ତର କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ପ୍ରୟାସକୁ ଏକ ବଡ଼ ଝଟକା ଲାଗିଛି। ଆରିଜୋନାରୁ ଇରାନୀମାନଙ୍କୁ ନେଇ ଏକ ଆମେରିକୀୟ ନିର୍ବାସନ ବିମାନ ମଝି ଆକାଶରୁ ଫେରି ଯାଇଛି। ଯୋଜନା ଥିଲା ସେମାନଙ୍କୁ ପ୍ରଥମେ ପାକିସ୍ତାନ ଏବଂ ତା'ପରେ ଇରାନକୁ ପଠାଯିବ। କିନ୍ତୁ ପାକିସ୍ତାନ ହଠାତ୍ ସେମାନଙ୍କୁ ଦେଶରେ ପ୍ରବେଶ କରିବାକୁ ଅନୁମତି ଦେବାକୁ ମନା କରିଦେଇଥିଲା। ଫଳସ୍ୱରୂପ ବିମାନକୁ ଆମେରିକାକୁ ଫେରିବାକୁ ପଡିଥିଲା। ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କ ପରାଜୟ ପରେ, ପାକିସ୍ତାନ ମଧ୍ୟ ଆମେରିକା ପ୍ରତି ଆକ୍ରମଣାତ୍ମକ ପ୍ରଦର୍ଶନ କରିବା ଆରମ୍ଭ କରିଛି। ପାକିସ୍ତାନର ମନା ପରେ ଇରାନୀ ପ୍ରବାସୀମାନଙ୍କୁ ନେଇ ଯାଉଥିବା ଆରିକୀୟ ବିମାନ ଆରିଜୋନା ଫେରିଛି। ରିପୋର୍ଟ ଅନୁଯାୟୀ, ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ବାତିଲ ହୋଇଥିବା ନିର୍ବାସନ ଅଭିଯାନ ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି। ଗତ କିଛି ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଆରିଜୋନାରୁ ଇରାନୀ ନାଗରିକଙ୍କ ଯୋଜନାବଦ୍ଧ ନିର୍ବାସନକୁ ବାତିଲ କରାଯାଇଛି।ନ୍ୟୁୟର୍କ ଟାଇମ୍ସ ରିପୋର୍ଟ କରିଛି ଯେ, ଟ୍ରମ୍ପ ପ୍ରଶାସନ ଇରାନ ଏବଂ ଆଫଗାନିସ୍ତାନ ପ୍ରବାସୀମାନଙ୍କୁ ପାକିସ୍ତାନ ଦେଇ ପଠାଇବା ପାଇଁ ବ୍ୟବସ୍ଥା କରୁଛି।



ଏନଏସଇରେ ଦୀପାବଳି ଝଲକ



ମୁମ୍ବାଇ: ନ୍ୟାଶନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନ୍ଏସ୍ଇ) ପକ୍ଷରୁ ପାରମ୍ପରିକ ଲକ୍ଷ୍ମୀ ପୂଜା ଓ ଘଣ୍ଟି ବଜାଇବାର ସ୍ୱତନ୍ତ୍ର ଉତ୍ସବ ସହ ଦୀପାବଳି ଏବଂ ମୁହୂରତ ଟ୍ରେଡିଂ ପାଳନ କରାଯାଇଛି। ଏହି ଉତ୍ସବରେ ସିନେମା, ସଂସ୍କୃତି ଓ ସାମାଜିକ କ୍ଷେତ୍ରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଏନ୍ଏସ୍ଇର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଆଶିଷ କୁମାର ଚୌହାନ, ଲୋକପ୍ରିୟ ଅଭିନେତ୍ରୀ ପୁନମ ଧିଲନ, ପଦ୍ମିନୀ କୋହ୍ଲାପୁରୀ, ଶିବା ଅଗ୍ରୱାଲ, ଚଳଚ୍ଚିତ୍ର ନିର୍ମାତା ଭାରତବାଲା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍)ର ସର୍ବଭାରତୀୟ ଆଉଟ୍ରିଚ୍ ମୁଖ୍ୟ ରାମଲାଲ ଏବଂ ୱାର୍ଲ୍ଡ ହିନ୍ଦୁ କଂଗ୍ରେସ ଓ ୱାର୍ଲ୍ଡ ହିନ୍ଦୁ ଇକୋନୋମିକ୍ ଫୋରମ୍ର ପ୍ରତିଷ୍ଠାତା ସ୍ୱାମୀ ବିଜ୍ଞାନାନନ୍ଦ ଜୀ ପ୍ରମୁଖ ଉପସ୍ଥିତ ଥିଲେ।ଅତିଥିମାନେ ଏନ୍ଏସ୍ଇର ଲକ୍ଷ୍ମୀ ପୂଜା ଓ ପାରମ୍ପରିକ ଘଣ୍ଟି ବଜାଇବା କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହୋଇଥିଲେ। ଏହା ସମୃଦ୍ଧି, ସକାରାତ୍ମକତା ଓ ନୂତନ ଆରମ୍ଭର ପ୍ରତୀକ ଭାବେ ପରିଗଣିତ ହୋଇଥିଲା। ଏହି ଉତ୍ସବ ଭାରତର ସମୃଦ୍ଧ ସାଂସ୍କୃତିକ ପରମ୍ପରା ଓ ବିକଶିତ ପୁଞ୍ଜି ବଜାର ମଧ୍ୟରେ ରହିଥିବା ଦୀର୍ଘସ୍ଥାୟୀ ସମ୍ପର୍କକୁ ପ୍ରତିଫଳିତ କରିଥିଲା।ଏନ୍ଏସ୍ଇରେ ଆୟୋଜିତ ମୁହୂରତ ଟ୍ରେଡିଂ ଭାରତୀୟ ଆର୍ଥିକ ବଜାରର ଏକ ପୁରାତନ ପରମ୍ପରା। ଦୀପାବଳି ଅବସରରେ ନୂତନ ହିନ୍ଦୁ ପଞ୍ଜିକା ବର୍ଷ ବିକ୍ରମ ସମ୍ବତ୍ର ଆରମ୍ଭକୁ ସ୍ୱାଗତ କରିବା ପାଇଁ ଏହି ସ୍ୱତନ୍ତ୍ର କାରବାର ଅଧିବେଶନ ଆୟୋଜନ କରାଯାଏ।

ସୋନିଆଙ୍କ ଆତ୍ମଜୀବନୀରେ ଅନେକ କଥା ଓ ବ୍ୟଥା



ନୂଆଦିଲ୍ଲୀ: କଂଗ୍ରେସର ସବୁଠାରୁ ଅଧିକ ସମୟ ଧରି ସଭାପତି ଦାୟିତ୍ୱରେ ରହିଥିବା ସୋନିଆ ଗାନ୍ଧୀ ସାଧାରଣତଃ ନିଜର ବ୍ୟକ୍ତିଗତ ଜୀବନ ଓ ରାଜନୈତିକ ନିଷ୍ପତ୍ତି ସମ୍ପର୍କରେ ଖୁବ୍ କମ୍ କଥା କହିଥାନ୍ତି। ଦୀର୍ଘ ଦଶନ୍ଧି ଧରି ଭାରତୀୟ ରାଜନୀତିର କେନ୍ଦ୍ରରେ ରହିଥିଲେ ମଧ୍ୟ ତାଙ୍କ ଜୀବନର ଅନେକ ଅଧ୍ୟାୟ ଏଯାଏଁ ଅଜଣା ହୋଇ ରହିଛି। ଏବେ ତାଙ୍କ ଆତ୍ମଜୀବନୀ 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍' ପ୍ରକାଶ ପାଇବା ପରେ ଏହାକୁ ନେଇ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ଆରମ୍ଭ ହୋଇଛି। ଇଟାଲୀର ଜଣେ ଯୁବତୀରୁ ଭାରତୀୟ ରାଜନୀତିର ଜଣେ ପ୍ରଭାବଶାଳୀ ନେତ୍ରୀ ହେବା ପର୍ଯ୍ୟନ୍ତ ତାଙ୍କ ଯାତ୍ରାର ବିଭିନ୍ନ ଅନୁଭୂତି ଏଥିରେ ସ୍ଥାନ ପାଇଛି। ରାଜୀବ ଗାନ୍ଧୀଙ୍କ ସହ ପ୍ରେମ ଓ ବିବାହ, ଗାନ୍ଧୀ ପରିବାରର ଆଭ୍ୟନ୍ତରୀଣ ବିବାଦ, ୧୯୭୫ର ଜରୁରୀ ପରିସ୍ଥିତି, ସଞ୍ଜୟ ଗାନ୍ଧୀଙ୍କ ଭୂମିକା, ମେନକା ଗାନ୍ଧୀଙ୍କ ସହ ପରିବାରର ତିକ୍ତତା, ୨୦୦୪ରେ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ ନ କରିବାର ନିଷ୍ପତ୍ତି, ମନମୋହନ ସିଂହଙ୍କ ସହ ସମ୍ପର୍କ ଏବଂ ପ୍ରଣବ ମୁଖାର୍ଜୀଙ୍କ ପ୍ରଧାନମନ୍ତ୍ରୀ ହେବାର ଆକାଂକ୍ଷା ଭଳି ଅନେକ ରୋଚକ ତଥ୍ୟ ସେ ଏଥିରେ ଉଲ୍ଲେଖ କରିଛନ୍ତି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍

ପାୟଲ ନାଗଙ୍କୁ ୧୦ ଲକ୍ଷ ଟଙ୍କା ପୁରସ୍କାର



ଭୁବନେଶ୍ୱର,୧୨।୧୧(ସବୁ୍ୟ): ଓଡ଼ିଶାର ପାରା କ୍ରୀଡ଼ାବିତ୍ ପାୟଲ ନାଗଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ୫ମ ଏସିଆନ୍ ପାରା ଗେମ୍ସ ୨୦୨୬ରେ ମହିଳା ପାରା କମ୍ପାଉଣ୍ଡ ଡବଲ୍ସ ବର୍ଗରେ ପାରା ତୀରନ୍ଦାଜ ପାୟଲ ନାଗ ରୌପ୍ୟ ପଦକ ହାସଲ କରିଥିଲେ। ଏହି ସଫଳତା ପାଇଁ ଆଜି କଳିଙ୍ଗ ଷ୍ଟାଡ଼ିୟମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ଏବଂ ନିର୍ଦ୍ଦେଶକ ଡ଼ା. ଯେଦୁଲା ବିଜୟ ପାୟଲଙ୍କୁ ସମ୍ବର୍ଦ୍ଧିତ କରିବା ସହ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି। କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ କହିଛନ୍ତି ଯେ, ୫ମ ଏସିଆନ୍ ପାରା ଗେମ୍ସ ୨୦୨୬ରେ ପାୟଲ ନାଗ ରୌପ୍ୟ ପଦକ ହାସଲ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ପାୟଲଙ୍କ ଏହି ସଫଳତା ଓଡ଼ିଶାର ସମସ୍ତ କ୍ରୀଡ଼ାବିତଙ୍କୁ ପ୍ରେରଣା ପ୍ରଦାନ କରିଛି। ପାୟଲଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିବା ସହ କ୍ରୀଡ଼ା ଓ କ୍ରୀଡ଼ାବିତ ସାମଗ୍ରିକ ବିକାଶ ଲକ୍ଷ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ନିରନ୍ତର ଭାବେ କାର୍ଯ୍ୟ କରାଯାଉଛି ବୋଲି ସଚିବ ଭୂପେନ୍ଦ୍ର ସିଂ ପୁନିଆ ମତ ପ୍ରକାଶ କରିଛନ୍ତି।

ପାୟଲଙ୍କ ପ୍ରମୁଖ ସଫଳତା

- **୨୦୨୫ – ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିଅନସିପ୍:** ଜୟପୁରରେ ଅନୁଷ୍ଠିତ ଷଷ୍ଠ ଜାତୀୟ ପାରା ତୀରନ୍ଦାଜୀ ପ୍ରତିଯୋଗିତାରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ତାଙ୍କର ଜାତୀୟ ସ୍ତରରେ ଏକ ବଡ଼ ସଫଳତା।
- **୨୦୨୫ – ଖେଲୋ ଇଣ୍ଡିଆ ପାରା ଗେମ୍ସ:** ନୂଆଦିଲ୍ଲୀରେ ଅନୁଷ୍ଠିତ ଦ୍ୱିତୀୟ ଖେଲୋ ଇଣ୍ଡିଆ ପାରା ଗେମ୍ସରେ ରୌପ୍ୟ ପଦକ ହାସଲ କରିଥିଲେ।
- **୨୦୨୫ – ଏସିଆନ୍ ଯୁଥ୍ ପାରା ଗେମ୍ସ:** ଦୁବାଇରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ମହିଳା କମ୍ପାଉଣ୍ଡ ଦଳଗତ ବର୍ଗରେ ବ୍ରୋଞ୍ଜ ପଦକ ଜିତିଥିଲେ।
- **୨୦୨୬ – ୱାର୍ଲ୍ଡ ଆର୍ଚେରୀ ପାରା ସିରିଜ୍, ବ୍ୟାଙ୍କକ୍:** ଥାଇଲାଣ୍ଡର ବ୍ୟାଙ୍କକ୍ରେ ମହିଳା କମ୍ପାଉଣ୍ଡ ଦଳଗତ ବର୍ଗରେ ଶୀତଳ ଦେବୀଙ୍କ ସହ ସ୍ୱର୍ଣ୍ଣ ଜିତିଥିଲେ। ପରେ ବ୍ୟକ୍ତିଗତ ଫାଇନାଲ୍ରେ ଶୀତଳ ଦେବୀଙ୍କୁ ୧୩୯-୧୩୬ରେ ପରାସ୍ତ କରି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ତାଙ୍କର ପ୍ରଥମ ଆନ୍ତର୍ଜାତିକ ସ୍ୱର୍ଣ୍ଣ ସଫଳତା।
- **୨୦୨୬ – ୱାର୍ଲ୍ଡ ଆର୍ଚେରୀ ପାରା ସିରିଜ୍, ନୋଭେ ମେସ୍ତୋ:** ଚେକ୍ ଗଣରାଜ୍ୟରେ ଆୟୋଜିତ ପ୍ରତିଯୋଗିତାରେ ଶୀତଳ ଦେବୀଙ୍କ ସହ ମହିଳା କମ୍ପାଉଣ୍ଡ ଦଳଗତ ବର୍ଗରେ ବ୍ରୋଞ୍ଜ ପଦକ ଜିତିଥିଲେ।
- **୨୦୨୬ – ସପ୍ତମ ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନସିପ୍:** ପଞ୍ଜାବର ପଟିଆଲାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲେ।
- **୨୦୨୬ – ଏସିଆନ୍ ପାରା ଗେମ୍ସ:** ଜାପାନର ଓକାଜାକିଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଶୀତଳ ଦେବୀଙ୍କ ସହ ମହିଳା କମ୍ପାଉଣ୍ଡ ଡବଲ୍ସ ବର୍ଗରେ ରୌପ୍ୟ ପଦକ ଜିତିଥିଲେ। ଫାଇନାଲରେ ଚୀନ୍ ଯୋଡ଼ିଙ୍କଠାରୁ ୧୪୧-୧୫୦ରେ ହାରି ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ। ଏହା ତାଙ୍କର ଏସିଆନ୍ ପାରା ଗେମ୍ସ ପଦାର୍ପଣରେ ପ୍ରଥମ ପଦକ ଏବଂ ଓଡ଼ିଶା ପାଇଁ ଚଳିତ ଗେମ୍ସର ପ୍ରଥମ ପଦକ ଥିଲା।

ପୁରସ୍କାର ଓ ସମ୍ମାନ

- ବିଜୁ ପଟ୍ଟନାୟକ ଶ୍ରେଷ୍ଠ ଉଦୀୟମାନ କ୍ରୀଡ଼ାବିତ୍ ପୁରସ୍କାର ୨୦୨୫: ୨୦୨୬ ଅଗଷ୍ଟ ୨୯ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ପୁରସ୍କାର ସହ ୨ ଲକ୍ଷ ଟଙ୍କାର ଅର୍ଥରାଶି ପାଇଥିଲେ।
- ଓଡ଼ିଶା ସରକାରଙ୍କ ଆର୍ଥିକ ସହାୟତା: ୨୦୨୬ ମେ'ରେ ଦୁଇଟି ସ୍ୱର୍ଣ୍ଣ ପଦକ ପାଇଁ ୫,୪୬,୬୬୬ ଟଙ୍କା ଏବଂ କ୍ରୀଡ଼ା ଉପକରଣ କିଣିବା ପାଇଁ ୩,୨୩,୧୦୦ ଟଙ୍କାର ସହାୟତା ମିଳିଥିଲା।

ପାୟଲଙ୍କ ତୀରନ୍ଦାଜୀ ଯାତ୍ରା

- ଜନ୍ମ: ୨୮ ଜୁଲାଇ ୨୦୦୬।
- ଘର: ଜାମୁନାବାହାଲ, ବଲାଙ୍ଗିର।
- ପ୍ରଶିକ୍ଷଣ କେନ୍ଦ୍ର: ଶ୍ରୀମାତା ବୈଷ୍ଣୋଦେବୀ ଆର୍ଚେରୀ ଏକାଡେମୀ, କଟକ।
- ପ୍ରଶିକ୍ଷକ: କୁଲଦୀପ ବେଦୱାନ ଓ ଅଭିଳାଷା ଚୌଧୁରୀ।
- ସ୍ୱତନ୍ତ୍ର ଉପକରଣ ସାହାଯ୍ୟରେ ସେ ପାଟି ଓ କାନ୍ଧର ଚଳନ ଦ୍ୱାରା ତୀର ଚଳାନ୍ତି।

ନିଲାମ ପୂର୍ବରୁ ୧୦ ପ୍ରମୁଖ ଖେଳାଳିଙ୍କ ଅଦଳ ବଦଳ

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ଆଇପିଏଲ-୨୦୨୬ ମିନି ନିଲାମ ପୂର୍ବରୁ ବଡ଼ ଧରଣର ଅଦଳ ବଦଳ ଦେଖିବାକୁ ମିଳିଛି। ଫ୍ରାଞ୍ଚାଇଜ୍ ଗୁଡିକ ଟ୍ରେଡ ୱିଣ୍ଡୋ ଜରିଆରେ ମୋଟ ୧୦ ଜଣ ପ୍ରମୁଖ ଖେଳାଳିଙ୍କୁ ଅଦଳବଦଳ କରିଛନ୍ତି। ଅର୍ଥାତ୍ ଏଥର ୧୦ ଜଣ ଖେଳାଳି ନିଜର ପୁରୁଣା ଦଳ ଛାଡି ନୂଆ ଜର୍ସିରେ ନଜର ଆସିବେ। ଏହି ତାଲିକାରେ ଭାରତୀୟ କ୍ରିକେଟର ସବୁଠାରୁ ଚେହେରା ତଥା ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ୱିକେଟ୍ କିପର ବ୍ୟାଟର ରିଷଭ ପନ୍ତ ମଧ୍ୟ ସାମିଲ ଅଛନ୍ତି।

ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଅର୍ଶଦୀପ ସିଂଙ୍କୁ ଅଦଳବଦଳ କରାଯାଇଛି। ମୁମ୍ବାଇ ଇଣ୍ଡିଆନ୍ସର ପୂର୍ବତନ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ପଞ୍ଜାବ କିଙ୍ଗ୍ସରେ ସାମିଲ ହୋଇଥିବା ବେଳେ ଅର୍ଶଦୀପ ସିଂ ପଞ୍ଜାବ ଛାଡି ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗଦେଇଛନ୍ତି। ଉଭୟ ଖେଳାଳିଙ୍କୁ ୧୮ କୋଟି ଟଙ୍କାରେ ଟ୍ରେଡ କରାଯାଇଛି। ସେହିଭଳି ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ଛାଡି ରିଷଭ ପନ୍ତ ପୁଣିଥରେ ନିଜ ପୁରୁଣା ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସକୁ ଫେରିଛନ୍ତି। ଦିଲ୍ଲୀ ଏବଂ ଲକ୍ଷ୍ନୌ ମଧ୍ୟରେ ହୋଇଥିବା ଖେଳାଳି ଅଦଳ ବଦଳ ଡିଲ୍ ଅନୁସାରେ ପନ୍ତ ୧୫ କୋଟି ଟଙ୍କାରେ ଦିଲ୍ଲୀକୁ ଯାଇଛନ୍ତି। ସ୍ପିନର କୁଲଦୀପ ଯାଦବ ୧୩.୫୦ କୋଟି ଟଙ୍କାରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସକୁ ଯାଇଛନ୍ତି। ଚେନ୍ନାଇ ସୁପରକିଙ୍ଗ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ୪ ଜଣ ଖେଳାଳିଙ୍କ ଅଦଳବଦଳ ହୋଇଛି। ଇଂଲଣ୍ଡର ବିସ୍ଫୋରକ ଅଲରାଉଣ୍ଡର ଲିଆମ ଲିଭିଂ ଷ୍ଟୋନ (୬ କୋଟି) ଏବଂ ଅଷ୍ଟ୍ରେଲିଆର ଜ୍ୟାକ ଏଡୱାର୍ଡ୍ସ (୩ କୋଟି) ଚେନ୍ନାଇକୁ ଯାଇଥିବା ବେଳେ ଦ୍ରୁତ ବୋଲର ଖଲିଲ ଅହମ୍ମଦ ୪.୮ କୋଟି ଟଙ୍କା ଏବଂ ନାଥନ ଏଲିସ ୨ କୋଟି ଟଙ୍କାରେ ସନରାଇଜର୍ସ ହାଇଦ୍ରାବାଦକୁ ଯାଇଛନ୍ତି।

ଦିଲ୍ଲୀ କ୍ୟାପିଟାଲ୍ସର ଦ୍ରୁତ ବୋଲର ଟି ନଟରାଜନ ୫ କୋଟି ଟଙ୍କାରେ ସନରାଇଜର୍ସ ହାଇଦ୍ରାବାଦକୁ ଯାଇଥିବା ବେଳେ ଲେଗ ସ୍ପିନର ଜିସନ ଅନସାରୀ ୪୦ ଲକ୍ଷ ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗଦେଇଛନ୍ତି। ଆଗାମୀ ଡିସେମ୍ବର ମାସରେ ଗୋଆରେ ଅନୁଷ୍ଠିତ ହେବାକୁଥିବା ଆଇପିଏଲ ମିନି ନିଲାମ ପୂର୍ବରୁ ଏହି ବଡଧରଣର ଖେଳାଳି ଅଦଳବଦଳ ସମସ୍ତ ଦଳର ସମୀକରଣକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି।

ବିଶ୍ୱ ଚାମ୍ପିଅନସିପରେ ନୀରଜଙ୍କୁ କାଂସ୍ୟ, ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ଟିକେଟ୍

ଦୋହା,୧୨।୧୧(ଏଜେନ୍ସି): ଭାରତୀୟ ଶୁଟର ନୀରଜ କୁମାର ଆଇଏସ୍ଏସ୍ଏଫ୍ ବିଶ୍ୱ ଶୁଟିଂ ଚାମ୍ପିନସିପରେ ଐତିହାସିକ ସଫଳତା ହାସଲ କରିଛନ୍ତି। କତାରର ଦୋହାରେ ଚାଲିଥିବା ଏହି ପ୍ରତିଯୋଗିତାର ପୁରୁଷ ୫୦ ମିଟର ରାଇଫଲ୍ ଥ୍ରି ପୋଜିସନ୍ ଇଭେଣ୍ଟରେ ସେ କାଂସ୍ୟ ପଦକ ଜିତିବା ସହ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ଭାରତକୁ କୋଟା ସ୍ଥାନ ଦେଇଛନ୍ତି। ଏହା ନୀରଜଙ୍କ ପ୍ରଥମ ବ୍ୟକ୍ତିଗତ ବିଶ୍ୱ ଚାମ୍ପିଅନସିପ ପଦକ।

ଫାଇନାଲରେ ନୀରଜ ୩୪୬.୫ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲେ। ଇଣ୍ଡିଭିଜୁଆଲ୍ ନ୍ୟୁଟ୍ରାଲ୍ ଆର୍ଥ୍ଲିଟ୍ସ (ଏଆଇଏନ୍)ର ଦିମିତ୍ରି ପିମେନୋଭ ୩୬୨.୮ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସ୍ଲୋଭାକିଆର ପାଟ୍ରିକ୍ ଜାନି ୩୫୬.୨ ପଏଣ୍ଟ ସହ ରୌପ୍ୟ ପଦକ ହାସଲ କରିଥିଲେ। ଫାଇନାଲର ଶେଷ ଭାଗରେ ନୀରଜ ରୌପ୍ୟ ପଦକ ଦୌଡ଼ରେ ଥିଲେ। କିନ୍ତୁ ତାଙ୍କର ଏକ ୯.୪ ସ୍କୋର ତାଙ୍କୁ ତୃତୀୟ ସ୍ଥାନକୁ ଖସାଇ ଦେଇଥିଲା। ଏହି ପଦକ ସହ ଭାରତ ୨୦୨୮ ଅଲିମ୍ପିକ୍ସ ପାଇଁ ଶୁଟିଂରେ ଦ୍ୱିତୀୟ କୋଟା ସ୍ଥାନ ହାସଲ କରିଛି। ଏହା ପୂର୍ବରୁ ପୁରୁଷ ୧୦ ମିଟର ଏୟାର ପିସ୍ତଲ୍ ଇଭେଣ୍ଟରେ ଜୟପାଲ ମାଲଭିୟା ରୌପ୍ୟ ପଦକ ଜିତି ଭାରତକୁ ପ୍ରଥମ କୋଟା ଦେଇଥିଲେ। ନୀରଜଙ୍କ ସଫଳତା ଭାରତର ଅଲିମ୍ପିକ୍ ପ୍ରସ୍ତୁତିକୁ ଆଉ ଏକ ଶକ୍ତି ଯୋଗାଇଛି।

ଓଡ଼ିଶା କ୍ରିକେଟ୍ ଦଳରେ ବଲାଙ୍ଗିରର ୩ ଖେଳାଳି

ବଲାଙ୍ଗିର,୧୨।୧୧(ସବୁ୍ୟ): ଓଡ଼ିଶା କ୍ରିକେଟ୍ ଜଗତରେ ବଲାଙ୍ଗିର ଜିଲ୍ଲାର ଉଦୀୟମାନ ପ୍ରତିଭାଙ୍କ ଉପସ୍ଥିତି ଆହୁରି ଦୃଢ଼ ହୋଇଛି। ଚଳିତ କ୍ରିକେଟ୍ ଋତୁରେ ଜିଲ୍ଲାର ତିନି ଜଣ ଯୁବ ଖେଳାଳି ଓଡ଼ିଶାର ସିନିୟର ଓ ବିଭିନ୍ନ ବୟସ ବର୍ଗର ପୁରୁଷ ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଓମକାର ମହାନ୍ତି, ଯୋଗେଶ୍ୱର ବାଗ ଓ ସିଦ୍ଧେଶ୍ୱର ବାଗ। ତିନି ଖେଳାଳିଙ୍କ ଏହି ସଫଳତା ଜିଲ୍ଲାର କ୍ରୀଡ଼ା ମହଲରେ ଉତ୍ସାହ ସୃଷ୍ଟି କରିଛି।

ବଲାଙ୍ଗିରର ଓମକାର ମହାନ୍ତି ନଭେମ୍ବର ୧୪ରୁ କୋଲକାତାରେ ଆରମ୍ଭ ହେବାକୁ ଥିବା ସୟଦ ମୁସ୍ତାକ ଅଲୀ ଟ୍ରଫି ପାଇଁ ଓଡ଼ିଶା ସିନିୟର ପୁରୁଷ କ୍ରିକେଟ୍ ଦଳରେ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତା ନଭେମ୍ବର ୧୪ରୁ ଆରମ୍ଭ ହୋଇ ୨୬ ତାରିଖରେ ଶେଷ ହେବ। ରାଜ୍ୟର ସିନିୟର ଦଳରେ ସ୍ଥାନ ପାଇବା ଓମକାରଙ୍କ ପାଇଁ ଏକ ଉଲ୍ଲେଖନୀୟ ସୁଯୋଗ।

ସେହିପରି ଯୋଗେଶ୍ୱର ବାଗ ଓଡ଼ିଶା ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ୍ ଦଳରେ ସ୍ଥାନ ପାଇଛନ୍ତି। କୁଚ୍ ବିହାର ଟ୍ରଫିର ଆଗାମୀ ଦୁଇଟି ମ୍ୟାଚ୍ ପାଇଁ ତାଙ୍କୁ ମନୋନୀତ କରାଯାଇଛି। ନଭେମ୍ବର ୨୬ରେ ବଲାଙ୍ଗିରର ଗାନ୍ଧୀ ଷ୍ଟାଡିୟମରେ ଓଡ଼ିଶା ଗୋଆକୁ ଭେଟିବ। ଏହାପରେ ଡିସେମ୍ବର ୩ରେ ବରଗଡ଼ର ବିକାଶ ଷ୍ଟାଡିୟମରେ ପଶ୍ଚିମବଙ୍ଗ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ମ୍ୟାଚ୍ ଖେଳିବ। ନିଜ ଜିଲ୍ଲାର ଗାନ୍ଧୀ ଷ୍ଟାଡିୟମରେ ଖେଳିବାର ସୁଯୋଗ ଯୋଗେଶ୍ୱରଙ୍କ ପାଇଁ ଆଉ ଏକ ଆକର୍ଷଣ ହେବ।



ଯୋଗେଶ୍ୱରଙ୍କ ସାନଭାଇ ସିଦ୍ଧେଶ୍ୱର ବାଗ ମଧ୍ୟ କ୍ରିକେଟ୍ରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ସେ ଓଡ଼ିଶା ୧୬ ବର୍ଷରୁ କମ୍ ପୁରୁଷ କ୍ରିକେଟ୍ ଦଳରେ ସ୍ଥାନ ପାଇଛନ୍ତି। ନଭେମ୍ବର ୧୪ରୁ କର୍ଣ୍ଣାଟକରେ ଆରମ୍ଭ ହେବାକୁ ଥିବା ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଦୁଇଟି ମ୍ୟାଚ୍ ପାଇଁ ସିଦ୍ଧେଶ୍ୱର ମନୋନୀତ ହୋଇଛନ୍ତି। ଦୁଇ ଭାଇଙ୍କ ଏକାସାଙ୍ଗରେ ଓଡ଼ିଶାର ବୟସଭିତ୍ତିକ ଦଳରେ ସ୍ଥାନ ପାଇବା ମଧ୍ୟ ଜିଲ୍ଲା କ୍ରିକେଟ୍ ପାଇଁ ଏକ ଖୁସିର ଖବର।

ସିନିୟର ଦଳରୁ ଆରମ୍ଭ କରି ୧୯ ଓ ୧୬ ବର୍ଷରୁ କମ୍ ବୟସ ବର୍ଗ ପର୍ଯ୍ୟନ୍ତ ବଲାଙ୍ଗିରର ତିନି ଜଣ ଖେଳାଳିଙ୍କ ମନୋନୟନ ଜିଲ୍ଲାର କ୍ରିକେଟ୍ ପ୍ରତିଭା ଓ ଖେଳାଳି ଗଢ଼ିବାର ପ୍ରୟାସକୁ ଆଗକୁ ଆଣିଛି। ଏହି ଖବର ପ୍ରଚାର ହେବା ପରେ ଜିଲ୍ଲାର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

ତିନି ଖେଳାଳିଙ୍କ ଏହି ସଫଳତା ପାଇଁ ବଲାଙ୍ଗିର ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ସେମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି। ସେମାନଙ୍କ କ୍ରୀଡ଼ା ଜୀବନର ଉଜ୍ଜ୍ୱଳ ଭବିଷ୍ୟତ ସହ ଆଗାମୀ ଦିନରେ ଅଧିକ ସଫଳତା କାମନା କରାଯାଇଛି। ବଲାଙ୍ଗିରର ଏହି ତିନି ଯୁବ କ୍ରିକେଟର ନିଜ ପ୍ରଦର୍ଶନ ମାଧ୍ୟମରେ ଜିଲ୍ଲା ସହ ଓଡ଼ିଶାର ଗୌରବ ବଢ଼ାଇବେ ବୋଲି କ୍ରୀଡ଼ାପ୍ରେମୀ ଆଶା ରଖିଛନ୍ତି।



୨୧ରୁ ଗ୍ରାଣ୍ଡ ମିନି ସିଟୀ ଆନ୍ତଃ ସ୍କୁଲ ଚେସ

ଭୁବନେଶ୍ୱର,୧୨।୧୧(ସବୁ୍ୟ): ରାଜ୍ୟର ପ୍ରତିଷ୍ଠିତ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍.ଆର୍. ଚେସ୍ ସେଣ୍ଟର ଆନୁକୂଲ୍ୟରେ ଆସନ୍ତା ୨୧ ଓ ୨୨ ତାରିଖ ଦୁଇ ଦିନ ଧରି ତେଲେଙ୍ଗାପେଣ୍ଡା ସ୍ଥିତ ଗ୍ରାଣ୍ଡ ବଜାରରେ ଥିବା ଶୀତତାପ ନିୟନ୍ତ୍ରିତ ଚେସ୍ ହଲ୍ରେ ଦ୍ୱିତୀୟ ଗ୍ରାଣ୍ଡ ମିନିସିଟି ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ।', 'ସ୍କୁଲସ୍ତରରୁ ଲୁକ୍କାୟିତ ଚେସ୍ ପ୍ରତିଭା ଚିହ୍ନଟ ଓ ଚେସ୍ ଖେଳାଳିଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ୫୦,୦୦୦ ଟଙ୍କାର ଅର୍ଥ ପୁରସ୍କାର ସହ ୬୬ଟି ଆକର୍ଷଣୀୟ ଟ୍ରଫି ଓ ୫୭ଟି ମେଡାଲ ପ୍ରଦାନ କରାଯିବ ବୋଲି ଗ୍ରାଣ୍ଡ ମିନିସିଟିର ମହାନିର୍ଦ୍ଦେଶକ ଆଶିଷ ଗର୍ଗ ପ୍ରକାଶ କରିଛନ୍ତି।', 'ପ୍ରଥମ ପୁରସ୍କାର ୧୫,୦୦୦ ଟଙ୍କା, ସ୍ୱତନ୍ତ୍ର ଚେସ୍ ଟ୍ରଫି, ମେଡାଲ ଓ ବିଜୟ ମୁକୁଟ ସହ ୨ୟ ପୁରସ୍କାର ୧୦,୦୦୦ ଟଙ୍କା, ସ୍ୱତନ୍ତ୍ର ଚେସ୍ ଟ୍ରଫି ଓ ମେଡାଲ ଏବଂ ୩ୟ ପୁରସ୍କାର ୭,୦୦୦ ଟଙ୍କା, ସ୍ୱତନ୍ତ୍ର ଚେସ୍ ଟ୍ରଫି ଓ ମେଡାଲ ପ୍ରଦାନ କରାଯିବ। ଶ୍ରେଷ୍ଠ ୧୦ ଜଣଙ୍କୁ ମୋଟ ୫୦,୦୦୦ ଟଙ୍କାର ଅର୍ଥ, ଟ୍ରଫି ଓ ମେଡାଲ ପ୍ରଦାନ କରାଯିବ। ୫ ବର୍ଷରୁ ୧୩ ବର୍ଷ ପର୍ଯ୍ୟନ୍ତ ପ୍ରତେକ ବୟସ ବର୍ଗରେ ଶ୍ରେଷ୍ଠ ୩ଜଣ ଉଭୟ ବାଳକ ଓ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଟ୍ରଫି ଓ ମେଡାଲ ପ୍ରଦାନ କରାଯିବା ସହ ଦଳଗତ ଭାବେ ଶ୍ରେଷ୍ଠ ଦୁଇଟି ସ୍କୁଲକୁ ଅର୍ଥ ଓ ସ୍ୱତନ୍ତ୍ର ଚେସ୍ ଟ୍ରଫି ପ୍ରଦାନ କରାଯିବ। ୮ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ସ୍କୁଲରେ ପଢୁଥିବା (ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ରାଜ୍ୟର ଯେ କୌଣସି ଚେସ୍ ଖେଳାଳି ୭୦୦ ଟଙ୍କା ପ୍ରବେଶିକା ଦେୟ ଦେଇ ସିଧାସଳଖ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ବୋଲି ଏସ୍.ଆର୍. ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏଥିରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ , ପ୍ରମାଣପତ୍ର ପ୍ରଦାନ କରାଯିବ।', 'ଏହି ଅବସରରେ ବିଜୁ ପଟ୍ଟନାୟକ ପୁରସ୍କାରପ୍ରାପ୍ତ କ୍ରୀଡା ସାମ୍ବାଦିକ ବିମଳ ରାଉଳ (ପ୍ରମେୟ), ଶୁଭଲକ୍ଷ୍ମୀ ବଳ (କନକ ଟିଭି), ପ୍ରତିଭାବାନ ଆନ୍ତର୍ଜାତୀୟ ମାଷ୍ଟର ନର୍ମ ହୋଲ୍ଡର ହର୍ଷିତ ରଞ୍ଜନ ସାହୁ ଓ ଚେସ ଗୁରୁ ପୁରୀର ଶ୍ୟାମଲ କୁଣ୍ଡୁଙ୍କୁ ସ୍ୱତନ୍ତ୍ର ଭାବେ ଏସ୍.ଆର୍. ଚେସ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ।', 'ଅଧିକ ଜାଣିବା ପାଇଁ ସତ୍ୟ ରଞ୍ଜନ ପଟ୍ଟନାୟକ, ଏସ୍.ଆର୍. ଚେସ୍ ସେଣ୍ଟର, ମୋ: ୯୪୩୭୨୦୮ ୫୦୬ , ୭୦୦୮ ୯୭୩୯ ୫୦୧ରେ କିମ୍ବା ଶୁଭାଶିଷ ପଟ୍ଟନାୟକ ସଭାପତିଙ୍କ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ପେଟିଜ ଖବରକାଗଜ ଏଜେନ୍ସିରେ ସ୍ପାସିଫାଏଡ୍ / ଶ୍ରୁଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ସୁବିଧାର ଫୋନ୍ ପେ, ଗୁଗଲ ପେ ପେଟିଏମ୍, ଭୁକୁଲ ପେ, ଭାରତ ପେ ଇତ୍ୟାଦିରେ ସେୟ ପେଟ କରି ସେୟ ରସିଦକୁ ବିଜ୍ଞାପନ ସହ ୯୯୭୮୫୭୩୯୬୪ / ଇମେଲ୍:classifiedsamaya@gmail.com ରେ ପଠାନ ପାରିବେ । ଅଧିକ ସୂଚନା ପାଇଁ ୯୯୭୮୫୭୩୯୬୪ରେ ଯୋଗାଯୋଗ କରନ୍ତୁ।

ଅନୁଗୋଳରେ ଖେଲୋ ଇଣ୍ଡିଆ ଜିଲ୍ଲା ଉଶୁ ଚାମ୍ପିଅନସିପ ଉଦଘାଟିତ

ଅନୁଗୋଳ,୧୨।୧୧(ସବୁ୍ୟ): ଅନୁଗୋଳର ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ 'ଅସ୍ମିତା ଖେଲୋ ଇଣ୍ଡିଆ' କାର୍ଯ୍ୟକ୍ରମ ସହ ଜିଲ୍ଲା ଉଶୁ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉଶୁ ଆସୋସିଏସନ୍, ଜିଲ୍